

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୧୧ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 11 AUGUST 2021
Vol.No. 32 ■ No. 205 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସୁପ୍ରିମକୋର୍ଟଙ୍କ ବଡ ନିଷ୍ପତ୍ତି

## ହାଇକୋର୍ଟଙ୍କ ବିନା ନିର୍ଦ୍ଦେଶରେ ସାଂସଦ ଓ ବିଧାୟକଙ୍କ ବିରୋଧରେ ଥିବା ଅପରାଧିକ ମାମଲା ହୋଇପାରିବନି ପ୍ରତ୍ୟାହାର

ନୂଆଦିଲ୍ଲୀ,୧୦/୦୮: ସଂସଦ ଓ ବିଧାନସଭାକୁ ଅପରାଧମୁକ୍ତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ । ରାଜ୍ୟ ହାଇକୋର୍ଟଙ୍କ ବିନା ନିର୍ଦ୍ଦେଶରେ ସାଂସଦ କିମ୍ବା ବିଧାୟକଙ୍କ ବିରୋଧରେ ଥିବା ଅପରାଧିକ ମାମଲା ପ୍ରତ୍ୟାହାର ହୋଇପାରିବ ନାହିଁ । ହାଇକୋର୍ଟଙ୍କ ଅନୁମୋଦନ ବିନା ରାଜ୍ୟ ସରକାରଗୁଡିକ ମାମଲା ପ୍ରତ୍ୟାହାର କରିପାରିବେ ନାହିଁ । ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏନଭି ରମନ୍ନାଙ୍କ ୩ ଜଣିଆ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି । ଏ ସଂପର୍କରେ ଆମିକସ କ୍ୟୁରି ବରିଷ୍ଠ ଆଇନଜୀବୀ ବିଜୟ ହଂସାରିଆ ଏକ ରିପୋର୍ଟ ଦାଖଲ କରିଥିଲେ । ଏଥିରେ ଜନସ୍ୱାର୍ଥ ଦୃଷ୍ଟିରୁ ସିଆରପିସିର ଧାରା ୩୨୧ରେ ଜନପ୍ରତିନିଧିଙ୍କ



ବିରୋଧରେ ଅପରାଧିକ ମାମଲା ପ୍ରତ୍ୟାହାରକୁ ଅନୁମତି ଥିବା କୁହାଯାଇଥିଲା । କିନ୍ତୁ ରାଜନୈତିକ ଉଦ୍ଦେଶ୍ୟ ହାସଲ ପାଇଁ ଏହା ଗ୍ରହଣୀୟ ନୁହେଁ ବୋଲି କହିଥିଲେ । ତେବେ ୟୁପି ସରକାର ପ୍ରାୟ ୭୬ ଜଣ ଜନପ୍ରତିନିଧିଙ୍କ ବିରୋଧରେ ଅପରାଧିକ ମାମଲା ପ୍ରତ୍ୟାହାର କରିବାକୁ ଚାହୁଁଥିବା ଏହି ରିପୋର୍ଟରେ କୁହାଯାଇଥିଲା । ଗତବର୍ଷ ଅଗଷ୍ଟରେ କର୍ଣ୍ଣାଟକ ସରକାର ମଧ ୬୧ ଜଣଙ୍କ ବିରୋଧରେ ଅପରାଧିକ ମାମଲା ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

## ଭୁବନେଶ୍ୱର ସାଲିଆ ସାହିରେ ଜବତ ହେଲା ୧୦ ଲକ୍ଷ ଟଙ୍କାର ଡ୍ରଗ୍ସ

ଭୁବନେଶ୍ୱର,୧୦/୦୮(ନି.ପ୍ର): ଗ୍ରାହକ ବେଶରେ ଯାଇ ଡ୍ରଗ୍ସ ବେପାରୀଙ୍କୁ କାବୁ କଲା ପୋଲିସ । ବେଆଇନ ଡ୍ରଗ୍ସ କାରବାର ନେଇ ଖବର ପାଇବା ପରେ ପୋଲିସ ଲୁଙ୍ଗି ପିନ୍ଧି ଜଣେ ଡ୍ରଗ୍ସ ଗ୍ରାହକ ବେଶରେ ଭୁବନେଶ୍ୱର ସାଲିଆସାହିକୁ ଯାଇଥିଲା । ଏହି ସମୟରେ ବେଆଇନ ବ୍ରାଉନସୁଗାର ରଖିଥିବା ଜଣେ ମହିଳାଙ୍କୁ କାବୁ କରିଛି । ତାଙ୍କ ନିକଟରୁ ପ୍ରାୟ ୧୦ ଲକ୍ଷ ଟଙ୍କାର ୩୦୦ ପୁଡିଆ ବ୍ରାଉନସୁଗାର ଜବତ କରିଛି । ଏହି ବେଆଇନ କାରବାରରେ ଆଉ କେଉଁମାନେ ସଂପୃକ୍ତ ସେନେଇ ଅଧିକ ଖୋଲତାଳ ଚଳାଇଛି କମିଶନରେଟ ପୋଲିସ । ଗତକାଲିକଟକରୁ ୧ କେଜି ୧୫୯ ଗ୍ରାମ ବ୍ରାଉନସୁଗାର ଜବତ ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଥିଲା । ସାମ୍ବାଦିକ ସମ୍ମିଳନୀ କରି କଟକ-ଭୁବନେଶ୍ୱର ଦ୍ୱୈତନଗରୀକୁ ବେଆଇନ ଡ୍ରଗ୍ସମୁକ୍ତ କରାଯିବ ବୋଲି କହିଥିଲେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ।

# ବିଜେପି ବିରୋଧରେ ବିରୋଧୀଙ୍କ ମେଂଟ

## କପିଲ ଶିବଲଙ୍କ ଜନ୍ମଦିନ ପାର୍ଟିରେ ପ୍ରସ୍ତୁତ ହେଲା ନିର୍ବାଚନ ରଣନୀତି



ଉତ୍ତରପ୍ରଦେଶ,୧୦/୦୮ (ନି.ପ୍ର): ବିଜେପି ସରକାରକୁ ଗାଦିରୁ ହଟାଇବାକୁ ଅଂଟା ଭିଡିଛନ୍ତି ବିରୋଧୀ । ଆଗକୁ ଥିବା ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ଓ ୨୦୨୪ରେ ହେବାକୁ ଥିବା ସାଧାରଣ ନିର୍ବାଚନ କୁ ଦୃଷ୍ଟିରେ ରଖି ବିଜେପି ବିରୋଧରେ ରଣନୀତି ପ୍ରସ୍ତୁତ କରିଛି ବିରୋଧୀଙ୍କ 'ଗ୍ରୁପ -୨୩' ମେଂଟ । ରଣନୀତିର କ୍ଷେତ୍ର ଥିଲା କଂଗ୍ରେସର ବରିଷ୍ଠ ନେତା କପିଲ ଶିବଲଙ୍କ ଜନ୍ମଦିନ ପାର୍ଟି । କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧିଙ୍କ ନେତୃତ୍ୱରେ ଏକାଠି ହୋଇଛନ୍ତି ବିରୋଧୀ ଦଳର ବରିଷ୍ଠ ନେତା ଗୁଲାମ ନବି ଆଜାଦ, ଭୁପିନ୍ଦର ସିଂ ହୁଡା, ଶଶି ଥରୁର, ଆନନ୍ଦ ଶର୍ମା, ମୁକୁଲ ୱାସନିକ,ପୃଥ୍ୱୀରାଜ ଚୌହାନ୍, ମନିଷ ତିୱାରୀ ଏହି ରାତ୍ରୀ ଭୋଜନରେ ଯୋଗ ଦେଇଛନ୍ତି । ଏହାସହ ଆରଜେଡି ମଙ୍ଗୁଆଳ ଲାଲୁ ଯାଦବ, ଏନସିପି ସୁପ୍ରିମୋ ଶରଦ ପାୱାର, ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ, ରାମଗୋପାଳ ଯାଦବ, ସିପିଆଇଏମ ମୁଖ୍ୟ ସୀତାରାମ ୟେଚୁରୀ, ସିପିଆଇର ଡି ରାଜା, ନ୍ୟାସନାଲ କନଫରେନ୍ସର ଓମାର ଅବଦୁଲ୍ଲା, କଂଗ୍ରେସର ବରିଷ୍ଠ ନେତା ପି. ଚିଦାମ୍ବରମ, ଶିବସେନାର ସଂଜୟ ରାଉତ । ଟିଏମସିର କଲ୍ୟାଣ ବାନାର୍ଜୀ ଓ ଡେରେକ୍ ଓ ବ୍ରିଏନ୍ ; ଡିଏମକେର ତିରୁଚି ଶିବା ଓ ଟି କେ ଆଲାଙ୍ଗୋଭାନ୍, ଆରଏଲଡିର ଜୟନ୍ତ ଚୌଧୁରୀ ଓ ଟିଆରଏସ୍, ଟିଡିଏସର ନେତା ମଧ ଯୋଗ ଦେଇଛନ୍ତି । ବିରୋଧୀଙ୍କ ଏହି ମେଂଟକୁ ନେଇ ଏବେ ରାଜ୍ୟ ଠାରୁ କେନ୍ଦ୍ର ରାଜନୀତିରେ ଚର୍ଚ୍ଚା ଜୋର ଧରିଛି ।

## ପେଗାସସ ଗୁଇନ୍ଦାଗିରି ମାମଲାରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

ନୂଆଦିଲ୍ଲୀ,୧୦/୦୮: ବ୍ୟବସ୍ଥା ଉପରେ ବିଶ୍ୱାସ ରଖ, ଆଉ ସୋସିଆଲ ମିଡିଆରେ ସମାନ୍ତରାଳ ବିତର୍କ ଚଳାନ୍ତୁ ନାହିଁ । ପେଗାସସ୍ ଗୁଇନ୍ଦାଗିରି ମାମଲାରେ ଶୁଣାଣି ବେଳେ ସୁପ୍ରିମକୋର୍ଟ ଆବେଦନକାରୀଙ୍କୁ ଏପରି କିଛି କଥା କହିଛନ୍ତି । ସଲିସିଟର ଜେନେରାଲ ତୁଷାର ମେହେଟା ସରକାରଙ୍କ ପକ୍ଷ ରଖିଥିବା ବେଳେ ଆବେଦନକାରୀଙ୍କ ପକ୍ଷ ରଖିଥିଲେ ବରିଷ୍ଠ ଓକିଲ କପିଲ ସିବଲ । ଅଗଷ୍ଟ ୧୬ରେ ଏହି ମାମଲାର ଆଗାମୀ ଶୁଣାଣି ହେବ । କେନ୍ଦ୍ର ସରକାରଙ୍କ ଠାରୁ ନିର୍ଦ୍ଦେଶ ଆଣି ଅଧିକ ତଥ୍ୟ ରଖିବାକୁ ଶୁକ୍ରବାରର ସମୟ ମାଗିଥିଲେ ସରକାରୀ ଓକିଲ । ହେଲେ ଏହାକୁ ଅଗଷ୍ଟ ୧୬ ଯାଏଁ ଘୁଂଚାଇ ଦେଇଛନ୍ତି ମୁଖ୍ୟ ବିଚାରପତି । ପେଗାସସ୍ ଗୁଇନ୍ଦାଗିରି ମାମଲାରେ ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆ ଆବେଦନ କରିଥିବା ବେଳେ ଏହି ମାମଲାର ସ୍ୱତନ୍ତ୍ର ତଦନ୍ତ ଦାବି କରୁଛି । ଏହାପୂର୍ବରୁ ଅଗଷ୍ଟ ୫ରେ ଏହି ମାମଲାର ଶୁଣାଣି କରି ବିଚାରପତି କହିଥିଲେ ଯେ, ଗୁଇନ୍ଦାଗିରି ନେଇ ଆସିଥିବା ଅଭିଯୋଗ ଯଦି ସତ ହୁଏ, ତାହେଲେ ଏହା ସାଂଘାତିକ । ଇସ୍ରାଏଲ ଫାର୍ମ ଏନଏସଓର ସ୍ପାଏୱେୟାର ପେଗାସସ୍ ଭାରତରେ ଅନେକଙ୍କ ମୋବାଇଲ ଗୁଇନ୍ଦାଗିରି କରିଥିବା ଅଭିଯୋଗ ହୋଇଛି । ଭାରତରେ ପ୍ରାୟ ୩୦୦ ଜଣଙ୍କ ମୋବାଇଲ ଗୁଇନ୍ଦାଗିରି କରାଯାଇଥିବା ଏଥିରେ ଅଭିଯୋଗ ହୋଇଛି । ଏହି ବ୍ୟକ୍ତିମାନଙ୍କ ମଧ୍ୟରେ ନେତା, ସାମ୍ବାଦିକ ଓ ଶିଳ୍ପପତିଙ୍କ ନାଁ ଥିବା ସମ୍ବାଦ ଆସିଥିଲା । ତେବେ କେନ୍ଦ୍ର ସରକାର ଏହି ଅଭିଯୋଗକୁ ଖଣ୍ଡନ କରିଆସୁଛନ୍ତି ।

# ଓବିସି ସଂରକ୍ଷଣ ନେଇ କେନ୍ଦ୍ର ସରକାରଙ୍କ ବଡ ନିଷ୍ପତ୍ତି

## ରାଜ୍ୟଗୁଡିକ ମିଳିବ ଓବିସି ତାଲିକା ପ୍ରସ୍ତୁତ କରିବା ଅଧିକାର, ଲୋକସଭାରେ ୧୨୭ ତମ ସମ୍ବିଧାନ ସଂଶୋଧନ ବିଲ ପାସ



ଭୁବନେଶ୍ୱର,୧୦/୦୮(ନି.ପ୍ର): ଓବିସି ସଂରକ୍ଷଣ ନେଇ କେନ୍ଦ୍ର ସରକାର ଆଜି ଏକ ବଡ ନିଷ୍ପତି ନେଇଛନ୍ତି । ଲୋକସଭାରେ ଆଜି ଏ ସମ୍ପର୍କିତ ୧୨୭ ତମ ସମ୍ବିଧାନ ସଂଶୋଧନ ବିଲ ପାସ ହୋଇଛି । ଏହାଦ୍ୱାରା ପଛୁଆ ବର୍ଗଙ୍କୁ ଲାଭ ମିଳିବ । ବିଲ ସପକ୍ଷରେ ୩୮୫ ଭୋଟ ପଡିଥିବାବେଳେ ବିଲକୁ କେହି ବିରୋଧ କରିନଥିଲେ । କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ବିଲ ପାସ ହେବା ଫଳରେ ରାଜ୍ୟ ସରକାରଗୁଡିକୁ ଓବିସି ତାଲିକା ପ୍ରସ୍ତୁତ କରିବା ପାଇଁ ଅଧିକାର ମିଳିଯିବ । ଏହା ହୋଇପାରିଲେ ମରାଠା ଓ ଅନ୍ୟ ସମୁଦାୟର ସଂରକ୍ଷଣ ନେଇ ରାଜ୍ୟ ସରକାର ଗୁଡିକ ନିଷ୍ପତି ନେଇପାରିବେ । କଂଗ୍ରେସ ସମେତ ବିଭିନ୍ନ ବିରୋଧୀ ଦଳ ବିଲକୁ ସମର୍ଥନ କରିଥିଲେ । ଏହାସହ ବିରୋଧୀ ଦଳଗୁଡିକ ସଂରକ୍ଷଣର ସୀମା ୫୦ ପ୍ରତିଶତରୁ ଅଧିକ କରିବାକୁ ଲୋକସଭାରେ ଦାବି କରିଥିଲେ । ଆଜି କେନ୍ଦ୍ର ସରକାର ବିଲ ସମ୍ପର୍କରେ ନିଜ ପକ୍ଷ ରଖୁଥିବା ବେଳେ ବିରୋଧୀ ହଙ୍ଗାମା କରିନଥିଲେ. ଯାହା ପାର୍ଲାମେଣ୍ଟର ଚଳିତ ଅଧିବେଶନରେ ପ୍ରଥମ ଥର ପାଇଁ ଦେଖାଯାଇଥିଲା ।

# ଠିକ୍ ସମୟରେ ହେବ ପଞ୍ଚାୟତ ନିର୍ବାଚନ

## ମନ୍ତ୍ରୀ ଦେଲେ ସଂକେତ, ବିଜେପି ଓ ବିଜେଡି ଶିବିରରେ କସରତ

ଭୁବନେଶ୍ୱର,୧୦/୦୮(ନି.ପ୍ର): ପଞ୍ଚାୟତ ନିର୍ବାଚନ ଠିକ ସମୟରେ ହେବ ଓ ଏନେଇ ଖୁବ ଶୀଘ୍ର ନିର୍ବାଚନ କମିଶନଙ୍କୁ ରିପୋର୍ଟ ଦିଆଯିବ ବୋଲି କହିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା । ଏପଟେ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ରାଜନୈତିକ ଦଳ । ବିଜେଡି ଜିଲ୍ଲା ମହିଳା ପର୍ଯ୍ୟବେକ୍ଷକଙ୍କୁ ମନ୍ତ୍ର ଦେଇଛନ୍ତି ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ । ସେପଟେ ନୂଆଦିଲ୍ଲୀରେ କେନ୍ଦ୍ରୀୟ ନେତାଙ୍କୁ ଭେଟି ଆଲୋଚନା କରିଛି ରାଜ୍ୟ ବିଜେପି । ନିର୍ଦ୍ଧାରିତ ସମୟରେ ହେବ ପଞ୍ଚାୟତ ନିର୍ବାଚନ । ଏଥିପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି ସରକାର । ଖୁବ୍ ଶୀଘ୍ର ରାଜ୍ୟ ନିର୍ବାଚନ କମିଶନରଙ୍କୁ ଏ ନେଇ ଅବଗତ କରାଯିବ । ଏନେଇ ସୂଚନା ଦେଇଛନ୍ତି ମନ୍ତ୍ରୀ ପ୍ରତାପ ଜେନା । ଆଉ ଏଭଳି ସଂକେତ ମିଳିବା ପରେ ମଙ୍ଗଳବାର ସମସ୍ତ ଜିଲ୍ଲାର ମହିଳା ପର୍ଯ୍ୟବେକ୍ଷକଙ୍କୁ ମନ୍ତ୍ର ଦେଇଛନ୍ତି ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ । ବିରୋଧୀଙ୍କୁ ଟାର୍ଗେଟ କରିବା ବଦଳରେ ମୁଖ୍ୟମନ୍ତ୍ରୀଙ୍କ ଲୋକପ୍ରିୟତା ଓ ସରକାରଙ୍କ ଉପଲବ୍ଧିକୁ ନେଇ ନିର୍ବାଚନ ବୈତରଣୀକୁ ପାର ହେବାକୁ ଚେଷ୍ଟା କରିବ ବିଜେଡି । ସେପଟେ ବିଜେପି ରାଜ୍ୟ ନେତା ମଧ ନୂଆଦିଲ୍ଲୀରେ କେନ୍ଦ୍ରୀୟ ନେତାଙ୍କୁ ଭେଟି ରଣନୀତି ବିଷୟରେ ▶▶ପୃଷ୍ଠା ୭

# ୩ ଦିନ ଯାଏଁ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର,୧୦/୦୮ (ନି.ପ୍ର): ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିଜୁଳି ଘଡଘଡି ସହିତ ବର୍ଷା ସମ୍ଭାବନା ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର, ନୂଆପଡ଼ା, ସୁବର୍ଣ୍ଣପୁର, ସମ୍ବଲପୁର, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ନୟାଗଡ଼, କଟକ ଓ ଯାଜପୁର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡିକୁ ଆଂଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ଅଗଷ୍ଟ ୧୧ରୁ ୧୨ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା,କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ଢ଼େଙ୍କାନାଳ, କନ୍ଧମାଳ ଓ ରାୟଗଡ଼ା ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ସମ୍ଭାବନା ରହିଛି । ଏଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୧୨ ରୁ ୧୩ ତାରିଖ ମଧ୍ୟରେ ମୟୁରଭଂଜ, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ।

# ଯୁକ୍ତ ଦୁଇରେ ୫୪ ହଜାର ୯୦୦ ସିଟ ବୃଦ୍ଧି

ଭୁବନେଶ୍ୱର,୧୦/୦୮(ନି.ପ୍ର): ବଢିଲା ଯୁକ୍ତ ଦୁଇ ସିଟ୍ ସଂଖ୍ୟା । ଚଳିତ ବର୍ଷ ଯୁକ୍ତ ଦୁଇରେ ମୋଟ୍ ୫୪ ହଜାର ୯୦୦ ସିଟ୍ ବୃଦ୍ଧି କରାଯାଇଛି । କଳାରେ ୩୮ ହଜାର, ବିଜ୍ଞାନରେ ୧୩ ହଜାର, ବାଣିଜ୍ୟରେ ୩ ହଜାର ୯୦୦ ସିଟ୍ ବୃଦ୍ଧି ହୋଇଛି । ଏନେଇ ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ । ୭୨ ହଜାର ସିଟ୍ ବୃଦ୍ଧି ପାଇଁ ଆବେଦନ ଆସିଥିଲା । କଳାରେ ୪୦ ହଜାର, ବିଜ୍ଞାନରେ ୨୫ ହଜାର ଓ ବାଣିଜ୍ୟରେ ୪ ହଜାର ସିଟ୍ ବୃଦ୍ଧି ପାଇଁ ଆବେଦନ ହୋଇଥିଲା । ତେବେ ଆସନ୍ତା ୧୨ ତାରିଖରୁ ଯୁକ୍ତ ଦୁଇ ପାଇଁ ଆବେଦନ ଆରମ୍ଭ ହେବ । ସାମ୍ସ ପୋର୍ଟାଲରେ ଛାତ୍ରଛାତ୍ରୀ ଆବେଦନ କରିପାରିବେ । କରୋନା ପାଇଁ କୌଣସି ଆଡମିଶନ ଫି ବୃଦ୍ଧି ହେବ ନାହିଁ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ସ୍ୱତନ୍ତ୍ର ଓଜେଇଇ ଆବେଦନ ଅଗଷ୍ଟ ୧୭ ଯାଏଁ ବୃଦ୍ଧି

ଭୁବନେଶ୍ୱର,୧୦/୦୮(ନି.ପ୍ର):ସ୍ପେଶାଲ ଓଜେଇଇ ଆବେଦନ ତାରିଖ ଅଗଷ୍ଟ ୧୭ ପର୍ଯ୍ୟନ୍ତ ବୃଦ୍ଧି ପାଇଛି ।ଏଥିପାଇଁ ଅଗଷ୍ଟ ୧୮ ମଧ୍ୟରେ ଫି ଦାଖଲ କରିହେବ । ପୂର୍ବରୁ ଅଗଷ୍ଟ ୧୦ ପର୍ଯ୍ୟନ୍ତ ଥିଲା ଆବେଦନର ଶେଷ ତାରିଖ । ଯେଉଁମାନେ ଆବେଦନ କରି ସାରିଛନ୍ତି ସେମାନେ ଚାହିଁଲେ ସଂଶୋଧନ ବି କରିପାରିବେ । ନିଜ ପସନ୍ଦର ସେଂଟର ପରିବର୍ତନ କିମ୍ବା ଅନ୍ୟାନ୍ୟ ସଂଶୋଧନ ନେଇ ମଧ ଅନୁମତି ଦିଆଯାଇଛି । ତେବେ ଆଗାମୀ ସୟରେ ଆଉ ଆବେଦନ ବୃଦ୍ଧି ସମୟ ବଢ଼ାଯିବ ନାହିଁ ବୋଲି କହିଛନ୍ତି ଓଜେଇଇ ଅଧକ୍ଷ ।

# ୨୩ ରୁ ଏକକ ପିଜି ଏଂଟ୍ରାନ୍ସ

ଭୁବନେଶ୍ୱର,୧୦/୦୮ (ନି.ପ୍ର): ଆସନ୍ତା ୨୩ ତାରିଖରୁ ଆରମ୍ଭ ହେବ ଏକକ ପିଜି ପ୍ରବେଶିକା ପରୀକ୍ଷା । ପରୀକ୍ଷା ନେଇ ମଙ୍ଗଳବାର ଦିନ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ବିଜ୍ଞପ୍ତି ଅନୁଯାୟୀ ଏକକ ପିଜି ଏଂଟ୍ରାନ୍ସ ପରୀକ୍ଷା ଅଗଷ୍ଟ ୨୩ ତାରିଖରୁ ଆରମ୍ଭ ହୋଇ ସେପ୍ଟେମ୍ବର ୩ ତାରିଖ ପର୍ଯ୍ୟନ୍ତ ଚାଲିବ । ପ୍ରତ୍ୟେକ ଦିନ ୩ ଟି ସେସନ୍ ରେ ପରୀକ୍ଷା ହେବ । ୨୩ ତାରିଖ ଦିନ ଆନ୍ଥ୍ରୋପୋଲୋଜି , ଭୂଗୋଳଓ ଏମବିଏ ରେ ନାମଲେଖା ପାଇଁ ପରୀକ୍ଷା ଥିବା ବେଳେ ୨୪ରେ ଫିଜିକ୍ସ , ଏଲଏଲଏମ୍ ଓ କମର୍ସ, ୨୫ରେ ମାଇକ୍ରୋବାୟୋଲୋଜି,



ପିଏମଆଇଆର, ହିନ୍ଦୀ/ଇଂରାଜୀ ଓ ଷ୍ଟାଟିଷ୍ଟିକସ୍, ୨୬ରେ ଏନଭରମେଂଟାଲ ସାଇନ୍ସ, ଲାଇଫ୍ ସାଇନ୍ସେସ୍ , ପପୁଲେସନ୍ ଷ୍ଟଡିଜ୍, ସୋସିଓଲୋଜି, ଓଡିଆ ଓ ଫିଲୋସୋଫି ପରୀକ୍ଷା ରହିଛି । ସେହିପରି ୨୮ ତାରିଖରେ ଇକୋନୋମିକ୍ସ , ଜିଓଲୋଜି, ଏମବିଏ (ଆରଏମ)., ହୋମସାଇନ୍ସ ଓ ଇତିହାସ, ୩୦ରେ ପବ୍ଲିକ୍ ଆଡମିନିଷ୍ଟ୍ରେସନ୍ , କମ୍ପ୍ୟୁଟର ସାଇନ୍ସ ଓ ▶▶ପୃଷ୍ଠା ୭

## ଜଳବାୟୁ ପରିବର୍ତ୍ତନକୁ ନେଇ ଆସିଲା ସାଂଘାତିକ ରିପୋର୍ଟ

# ଶତାବ୍ଦୀର ଶେଷ ସୁଦ୍ଧା ପାଣିରେ ବୁଡିଯିବ ଭାରତର ୧୨ ସହର

ନୂଆଦିଲ୍ଲୀ,୧୦/୦୮: ପାଣିରେ ବୁଡି ଯିବ ପାରାଦୀପ ସହର । ଜଳବାୟୁ ପରିବର୍ତନ ନେଇ ଆନ୍ତଃ-ସରକାର ପ୍ୟାନେଲ, ଆଇପିସିସି ଏହି ସାଂଘାତିକ ତଥ୍ୟ ଦେଇଛି । ଜଳବାୟୁ ପରିବର୍ତନ ଯୋଗୁଁ ସମୁଦ୍ର ପତନ ବୃଦ୍ଧି ପାଇବା ସମ୍ଭାବନା ରହିଛି । ଏହି ପ୍ରକ୍ରିୟା ଜାରି ରହିଲେ ଶତାବ୍ଦୀରେ ଶେଷ ସୁଦ୍ଧା ପାରାଦୀପ ସମେତ ଦେଶର ୧୨ଟି ସହର ତିନି ଫୁଟ ପାଣି ବୁଡିଯିବ । ଆଉ ଏଭଳି ତଥ୍ୟ ଭାରତ ପାଇଁ ସତର୍କ ଘଂଟି ପାଲଟିଛି । ଭାରତ ଆଡକୁ ମାଡିଆସୁଛି ମହାବିପଦ । ସବୁଠାରୁ ବିପଦଜନକ ତଥ୍ୟ ହେଉଛି ସମୁଦ୍ର ପତନ ବୃଦ୍ଧି । ଯାହା ଶତାବ୍ଦୀର ଶେଷ ସୁଦ୍ଧା ପାରାଦୀପ ସମେତ ଦେଶର ୧୨ଟି ସହରକୁ ଜଳମଗ୍ନ କରିବାର ଆଶଙ୍କା ରହିଛି । ଜଳବାୟୁ ପରିବର୍ତନ ନେଇ ଆନ୍ତଃ-ସରକାର ପ୍ୟାନେଲ, ଆଇପିସିସି ଯେଉଁ ତଥ୍ୟ ଦେଇଛି, ତାହା ଭାରତ ପାଇଁ ଭୟଙ୍କର ଚେତାବନୀ ହୋଇଛି । ରିପୋର୍ଟରେ କୁହାଯାଇଛି ଶତାବ୍ଦୀର ଶେଷ ସୁଦ୍ଧା କିଛି ସହର ୩ ଫୁଟ ପାଣିରେ ରହିପାରେ । ଏହି ସହରଗୁଡିକ ମଧ୍ୟରେ ପ୍ରମୁଖ ସହର ହେଉଛି ମୁମ୍ବାଇ, ଚେନ୍ନାଇ, ବିଶାଖାପାଟଣା ଓ କୋଚି । ଏଭଳି ବିଶ୍ଳେଷଣ



ନାସାରୁ ଆସିଛି, ଯାହା ସମଗ୍ର ବିଶ୍ୱରେ ସମୁଦ୍ରସ୍ତରର ପରିବର୍ତନକୁ ଆକଳନ କରିବା ପାଇଁ ଆଇପିସିସି ରିପୋର୍ଟ ବ୍ୟବହାର କରିଛି । ଏହି ମହାକାଶ ସଂସ୍ଥା ଭାରତରେ ୧୨ଟି ସହରକୁ ଚିହ୍ନଟ କରିଛି, ଯେଉଁଠାରେ ଜଳପତନ ବୃଦ୍ଧି ହେବାର ସମ୍ଭାବନା ରହିଛି । ରିପୋର୍ଟରେ କୁହାଯାଇଛି, ଜଳବାୟୁ ପରିବର୍ତନ ଏକାଧିକ ଅଂଚଳରେ ଭିନ୍ନ ଭିନ୍ନ ପରିବର୍ତନ ଆଣିଛି । ରିପୋର୍ଟରେ ଆହୁରି କୁହାଯାଇଛି, ସମୁଦ୍ର ପତନର ଭୟ ଥିବାରୁ ଭାରତୀୟ ସହରଗୁଡିକ ଜଳବାୟୁ ପରିବର୍ତନର ସମ୍ମୁଖୀନ ହେବେ । ବର୍ତମାନ ଏହା ପ୍ରାରମ୍ଭିକ ଆକଳନ ହୋଇଥିବାବେଳେ ଶତାବ୍ଦୀର ▶▶ପୃଷ୍ଠା ୭

# କୃଷକ, କଳାକାର, ପାର୍ଲର ଜିମ୍ ମାଲିକଙ୍କ ମିଳିତ ବିକ୍ଷୋଭ




ଭଦ୍ରକ,୧୦/୮ (ନି.ପ୍ର): ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ଆଜି ଗାନ୍ଧୀ ପଡ଼ିଆରୁ କଳାକାର, କୃଷକ, ପାର୍ଲର ମାଲିକ, ଜିମ୍ ମାଲିକ ମିଳିତ ହୋଇ ଏକ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଏକ ପ୍ରତିବାଦ ସଭାରେ କୃଷକ ସଂଗଠନର ରାଜ୍ୟ ସହ ସଂଯୋଜକ ଉମାକାନ୍ତ ରାଉତ୍ ଉଦବୋଧନ ଦେଇ ଗୋଟିଏ ଗଣତାନ୍ତ୍ରୀକ ରାଷ୍ଟ୍ରରେ ଦୁଇ ପ୍ରକାର ଆଇନ ଚାଲିବା ଦୁର୍ଭାଗ୍ୟଜନକ। କିଛି ବର୍ଗକୁ କୋଭିଡ ସହାୟତା ମିଳିଥିବାବେଳେ, ଆଉ କେତେକ ଏଥିରୁ ବଞ୍ଚିତ ହୋଇଛନ୍ତି। ଜନତା ଯେତେବେଳେ, ପ୍ରତିକ୍ରିୟାଶୀଳ ନ ହେବେ, ସେତେବେଳେ ଶାସକ ଅଂହକାର ଓ ଦୁର୍ନିତଗ୍ରସ୍ତ ହୋଇ ପଡ଼ିଥାଏ। ଏବେ ରାଜ୍ୟରେ କଳାକାର, ପାର୍ଲର ମାଲିକ, ଜିମ୍ ମାଲିକ, କୃଷକ ଦାରିଦ୍ର୍ୟର କଷାଘାତ ମଧ୍ୟରେ ତ୍ରାହିତ୍ରାହି ଡାକ ଛାଡୁଛନ୍ତି। ସରକାର ସମ୍ବିଧାନର ୨୧ଧାରା ଅନୁଯାୟୀ ଲୋକଙ୍କୁ ଜୀବିକା ଯୋଗାଇ ପାରୁ ନାହାନ୍ତି। ଏହି ପରିପ୍ରେକ୍ଷୀରେ ସଂଘର ଆକଳନ ଅନୁଯାୟୀ ଆମେ ୧୧ଶହ କୋଟିର ପ୍ୟାକେଜ ଦାବି କରୁଛୁ। ଏହି ଦାବି ନମାନିଲେ, ଆଗାମୀ ଦିନରେ ଲଢ଼େଇ ଜୋରଦାର ହେବ ବୋଲି ଶ୍ରୀ ରାଉତ୍ ଚେତାବନୀ ଦେଇଥିଲେ। କଳାକାର ସଂଘର ଜିଲ୍ଲା ସଭାପତି ସଂଜୟ କୁମାର ପଣ୍ଡା, ସମ୍ପାଦକ ଗୋପବନ୍ଧୁ ମହାନ୍ତି, ପାର୍ଲର ସଂଘର ଅଞ୍ଜନା ମିଶ୍ର, ସଂଜୁଲତା ବେହେରା, ରିନା ମହାପାତ୍ର, ଜଗନ୍ନାଥ କଳାକାର ମହାସଂଘର ସଂପାଦକ କୁମାର ଗୌତମ, ନବ ନିର୍ମାଣ ଶ୍ରମିକ ସଂଗଠନର ଜିଲ୍ଲା ସଂଯୋଜକ ତ୍ରିଲୋଚନ ପଣ୍ଡା, ଛାତ୍ର ସଭାପତି ଜାହିର ଖାନ୍ ପ୍ରମୁଖ ସରକାରଙ୍କୁ ତୀବ୍ର ସମାଲୋଚନା କରି କହିଥିଲେଯେ, ଆମେ କେବେ ସରକାରଙ୍କ ଠାରୁ ରିଲିଫ ଆଶା କରିନଥିଲୁ। କିନ୍ତୁ ଲକଡାଉନ ପାଇଁ ଆମର ଜିବୀକା ବିପର୍ଯ୍ୟସ୍ତ ହେଲା। ତେଣୁ ଏହି ସମୟରେ ସରକାର କୋଭିଡ ସହାୟତା କଥା ଭୂଲିଯିବା ପରିତାପର ବିଷୟ ବୋଲି କହିଥିଲେ। ଏହି ଅବସରରେ ବହୁ ସଂଖ୍ୟକ କଳାକାର, ଜିମ୍ ଓ ପାର୍ଲର ମାଲିକ ଲକ୍‌ଡାଉନ ସମୟରେ ସେମାନଙ୍କ କରୁଣ ଅନୁଭୂତି ବର୍ଣ୍ଣନା କରିଥିଲେ। ଆଗାମୀ ୧୫ ଦିନ ମଧ୍ୟରେ ଦାବି ପୂରଣ ନହେଲେ, ଆନ୍ଦୋଳନ ସମଗ୍ର ରାଜ୍ୟକୁ ବ୍ୟାପିବ ବୋଲି ସେମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରଜ ପାଣୀ, ପଦ୍ମନାଭ ରାଉତ, ପୂଜାରାଣୀ ବିଶ୍ୱାଳ, ସ୍ୱାଗତିକା ପଣ୍ଡା, ଯଶୋଦା ରାଉତ୍, କ୍ରିଷ୍ଣା ରାଉତ୍, କୃଷକ ସଂଗଠନର ପିତବାସ ମହାନ୍ତି, ରବୀନ୍ଦ୍ର ପଣ୍ଡା, ପ୍ରଭାତ ମହାଳିକ, କୃର୍ଷଚନ୍ଦ୍ର ବିଶ୍ୱାଳ. ଗଗନ ମହାନ୍ତି, ସଦମା ଖାନ, ଜାନ ଖାନ, ସାହେବୁର ରହେମାନ, ସେଖ ସାଜିଦ, ଛାତ୍ର ସଂଗଠନର ଶୁଭସ୍ମିତା ବିଶ୍ୱାଳ, ମଲ୍ଲିକା ନାଜ ପ୍ରମୁଖ ଯୋଗଦେଇଥିଲେ।

# କନ୍ଧମାଳ ଜିଲ୍ଲାରେ ମହିଳା ବିଜୁ ଜନତା ଦଳର ସଭାନେତ୍ରୀଙ୍କ ନିର୍ବାଚନ ପ୍ରସ୍ତୁତି

କନ୍ଧମାଳ,୧୦/୮ (ନି.ପ୍ର): ରାଜ୍ୟରେ ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ସୁପ୍ରିମୋ ରାଜ୍ୟର ବିଭିନ୍ନ ମାହିଳା ନେତ୍ରୀ ମାନଙ୍କୁ ବିଭିନ୍ନ ଜିଲ୍ଲାରେ ସଂଗଠନ ଦାୟୀତ୍ୱ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲା ବାଲିଗୁଡା ନିର୍ବାଚନ ମଣ୍ଡଳୀର କ.ନୁଆଗାଁ ବ୍ଲକଠାରେ ଜିଲ୍ଲା ମହିଳା ବିଜୁ ଜନତା ଜନତା ଦଳର ସଭାନେତ୍ରୀ ଭାବରେ ନୂତନ ଭାବରେ ଦାୟୀତ୍ୱ ନେଇଥିବା ପୁନମ କହଁର ମଧ ନିର୍ବାଚନୀ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । କ.ନୁଆଗାଁରେ ଆୟୋଜିତ କାର୍ଯ୍ୟକ୍ରମରେ ପୁନମ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମହିଳାମାନଙ୍କୁ ଉତ୍ସାହିତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳା ମାନଙ୍କ ନିମନ୍ତେ ଯେଉଁ ସବୁ ଯୋଜନା ମାନ କରି ମହିଳାମାନଙ୍କୁ ଶ୍ରେଷ୍ଠ ସ୍ଥାନ ଦେଇଛନ୍ତି ଏବଂ ମହିଳାମାନେ ନିଜର ଅଧିକାର ପାଇବା ନିମନ୍ତେ ଯେଉଁ ସବୁ ସୁଯୋଗ ଦେଇଛନ୍ତି ସେ ସବୁ ବିଷୟରେ ମହିଳାମାନଙ୍କୁ ଅବଗତ କରାଇଥିଲେ । ଏତଦ୍ ବ୍ୟତୀତ ଆଗାମୀ ନିର୍ବାଚନରେ କିପରି ମହିଳା ମାନଙ୍କ ଭୋଟ ସଂଖ୍ୟା ଅଧିକ ମାତ୍ରାରେ ଆସି ବିଜୁ ଜନତାଦଳକୁ ପୁନର୍ବାର ବିଜୟ ହାସଲ କରିବା ଦିଗରେ କାର୍ଯ୍ୟ କରିବ ଏଥି ନିମନ୍ତେ ପ୍ରସ୍ତୁତି ଓ ରଣନୀତି ଆରମ୍ଭ କରିଥିଲେ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା କଂଗ୍ରେସର ପୂର୍ବତନ ସଭାନେତ୍ରୀ ଲଳିତା ପ୍ରଧାନ ଓ ସହକର୍ମୀ ମାନଙ୍କୁ ବିଜେପିର ଅନେକ ନାରୀନେତ୍ରୀ ମାନଙ୍କୁ ଏହି ସଭାରେ ବିଜୁ ଜନତା ଦଳରେ ସାମିଲ କରିଥିଲେ। ଏହି ସଭାକୁ ବ୍ଲକ ସଭାନେତ୍ରୀ ଅନିତା ମଲ୍ଲିକ ପରିଚାଳନା କରିଥିବା ବେଳେ ବାଲିଗୁଡା ବିଧାୟକ ଚକ୍ରମଣି କହଁର, ରାଜ୍ୟ ପରିଷଦ ସଦସ୍ୟ କୃଷ୍ଣ ପାଣିଗାହୀ, ବ୍ଲକ ସଭାପତି ବାସୁଦେବ ପଣ୍ଡା ପ୍ରମୁଖଙ୍କ ସମେତ ଅନ୍ୟନ୍ୟ କର୍ମୀମାନେ ଉପସ୍ଥିତ ରହିଥିଲେ ବୋଲି ପୁନମ କହଁର ସୂଚନା ଦେଇଛନ୍ତି ।

# ବିଜୁ ଛାତ୍ର ଜନତା ଦଳର ମାଲକାନଗିରି ବ୍ଲକ ସ୍ତରୀୟ କର୍ମକର୍ତ୍ତା ବୈଠକ

ମାଲକାନଗିରି,୧୦/୮ (ନି.ପ୍ର): ମାଲକାନଗିରି ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ତରଫରୁ ମାଲକାନଗିରି ବ୍ଲକ ସ୍ତରୀୟ କର୍ମକର୍ତା ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସ୍ୱର୍ଗତ ବିଜୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଜିଲ୍ଲାର ମାଲକାନଗିରି ବ୍ଲକ ପଦ୍ମଗିରି ଠାରେ ଥିବା କ୍ରୀଡ଼ା କମ୍ପ୍ଲେକ୍ସ ପରିସରରେ ମାଲକାନଗିରି ବ୍ଲକ ଅଧକ୍ଷ ଅକ୍ଷୟ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାଲକାନଗିରି ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ପର୍ଯ୍ୟବେକ୍ଷକ ଶକ୍ତି ପ୍ରସାଦ ରଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଜିଲ୍ଲା ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ନୃସିଂହ ଚରଣ ମହାନ୍ତି ଯୋଗ ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଓ ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଜନପ୍ରିୟ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ସହିତ ତୃଣମୂଳ ସ୍ତରରୁ ବିଜୁ ଛାତ୍ର ଜନତା ଦଳର ସଂଗଠନକୁ ମଜବୁତ କରିବା ପାଇଁ ଗୁରୁ ମନ୍ତ୍ର ଦେଇଥିଲେ । ତାହା ସହିତ ଡିଜିଟାଲ ମାଧ୍ୟମରେ ପ୍ରତି ଛାତ୍ର ସମାଜକୁ ଏକତ୍ରିତ ହୋଇ ପାରିବା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲା ବିଜୁ ଜନତା ଦଳର ଉପ ସଭାପତି ତଥା ଜିଲା କ୍ରିକେଟ ଆସୋସିଏସନର ସମ୍ପାଦକ ହୃଦାନନ୍ଦ ସାହୁ, ମାଲକାନଗିରି ବ୍ଲକ ସଭାପତି ବିଭାନସୁ ସାମଲ, ଜିଲ୍ଲା ଛାତ୍ର ସଭାପତି ତାପସ ରଞ୍ଜନ ନାୟକ, ମାଲକାନଗିରି ଛାତ୍ର ସଭାପତି ରାଜେନ୍ଦ୍ର ଦତ, ଉପ ସଭାପତି ରାମ ମାଡକାମୀ, ଛାତ୍ର ସମ୍ପାଦକ ବାସୁଦେବ କିର୍ଶନୀ ସମେତ ବହୁ ଛାତ୍ର ଯୋଗ ଦେଇଥିଲେ । ଜିଲା ବିଜୁ ଜନତା ଦଳର କାର୍ଯ୍ୟକର୍ତା ତଥା ବରିଷ୍ଠ ନେତା ଡନେଲ କୁମାର ପଟଲା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଡାକ୍ତର ନିଯୁକ୍ତି ଓ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ବିରୋଧରେ କଂଗ୍ରେସର ସତ୍ୟାଗ୍ରହ

## ଆନ୍ଦୋଳନକାରୀଙ୍କ ସହ ମୁଖ୍ୟ ଚିକିତ୍ସାଧିକାରୀଙ୍କ ଆଲୋଚନା : କାର୍ଯ୍ୟକ୍ଷମ ହେବ ମାତୃଶିଶୁ କେନ୍ଦ୍ର




ଜଳେଶ୍ୱର ୯/୮(ନିପ୍ର): ଜଳେଶ୍ୱର ବ୍ଲକ ଅଂଚଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟନ୍ତ ଘଟଣାରେ କଂଗ୍ରେସ ଦଳ ପକ୍ଷରୁ ଉଚ୍ଚ କର୍ମକର୍ତ୍ତା ଓ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସୂଚନା ଅନୁଯାୟୀ ଆଜି ଜିକେ ଭଞ୍ଜର ଡାକ୍ତରଖାନା ସମ୍ମୁଖରେ କଂଗ୍ରେସ ପକ୍ଷରୁ ଏକ ସତ୍ୟାଗ୍ରହ ଭଳି ଗଣଧାରଣା ଦିଆଯାଇଥିଲା । କଂଗ୍ରେସର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ବ୍ଲକ ସଭାପତି ରାଜୀବ ପରିଡା, ଆଇନ୍‌ଜିବୀ ସତ୍ୟସୁନ୍ଦର ଦାସ, ନଗର ସଭାପତି ଗିରିଜା ଶଂକର ଦାସ, କିଷାନ ସଭାପତି ସୁଦାମ ପାତ୍ର, ହେମନ୍ତ ଗିରି, ଜଗଦୀଶ ନନ୍ଦି, ସୁଶାନ୍ତ ଦେ, ରାଧାରାଣୀ ପାତ୍ର, ସବିତା ଗିରି, ସପନ ଜେନାଙ୍କ ନେତୃତ୍ୱରେ ଆଜି କ୍ରାନ୍ତି ଦିବସ ଅବସରରେ ସତ୍ୟାଗ୍ରହ ହୋଇଥିବାରୁ ଜନସମର୍ଥନ ମିଳିଥିଲା । ୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ଡାକ୍ତର, ନର୍ସ, ଫାର୍ମାସିଷ୍ଟ, ଲେବ୍ରଟାରୀ ଟେକ୍‌ନିସିଆନ୍ ଓ ଅନ୍ୟବହୁ କର୍ମଚାରୀ ନିଯୁକ୍ତି ଦାବୀ ତଥା ଜିଆର୍‌ଏସ୍, ଆର୍‌କେଏସ୍ ଅର୍ଥର ସୁ-ବିନିଯୋଗ ସହିତ ୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ମାତୃ ଓ ଶିଶୁ ମଂଗଳ କେନ୍ଦ୍ରକୁ କାର୍ଯ୍ୟକ୍ଷମ କରିବା ଲାଗି ଇତ୍ୟାଦି ଦାବି ନେଇ ଆନ୍ଦୋଳନ ହୋଇଥିଲା । ଅପରାହ୍ନରେ ବାଲେଶ୍ୱରର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଦୁଲାଲସେନ୍ ଜଗଦେବ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାକାରୀ ମୃତ୍ୟୁଞ୍ଜୟ ମିଶ୍ର, ଡିପିଏମ୍ ଅନୀଲ କୁମାର ମହାନ୍ତି, ଭଞ୍ଜର ହସ୍‌ପିଟାଲର ଭାରପ୍ରାପ୍ତ ଡାକ୍ତର ଦିଲ୍ଲିପ କୁମାର ପାତ୍ର, ହାତୀଗଡ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଡାକ୍ତର ପ୍ରଭାସ ଚନ୍ଦ୍ର ନାୟକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଏଥିରେ ଡାକ୍ତର ଓ ବିଶେଷଜ୍ଞ ଡାକ୍ତର ନିଯୁକ୍ତି, ପ୍ରଶିକ୍ଷଣ ପାଇଥିବା ପାଇଥିବା ଟେକ୍‌ନିସିଆନ୍, ଆର୍‌କେଏସ୍, ଜିକେଏସ୍‌ର ପୁନଃର୍ଗଠନ, ମିଳୁଥିବା ସରକାରୀ ଅର୍ଥର ସଦୋପଯୋଗ, ଶବ ବ୍ୟବଚ୍ଛେଦ ଲାଗି ମେହେନ୍ତର ନିଯୁକ୍ତି, ମହାପ୍ରଣାୟ ଗାଡିର ବ୍ୟବସ୍ଥା ସହିତ ଶିଶୁ ମାତୃ ମଂଗଳ କେନ୍ଦ୍ର ଦୀର୍ଘବର୍ଷ ଧରି ନିର୍ମାଣ ହୋଇ ପଡିରହିଥିବାରୁ ଏହାକୁ କାର୍ଯ୍ୟକ୍ଷମ କରିବାଲାଗି ଆଲୋଚନା ହୋଇଥିଲା । ବିଶ୍ୱ ସ୍ୱାସ୍ଥ୍ୟସଂଗଠନ ପକ୍ଷରୁ ଜଳେଶ୍ୱରରେ ନିର୍ମାଣ ହେବାକୁ ଥିବା ଅସ୍ଥାୟୀ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ସଂପର୍କରେ ମଧ୍ୟ ଆଲୋଚନା ହୋଇଥିଲା । କେତେକ ବିଷୟରେ ମୁଖ୍ୟ ଚିକିତ୍ସାଧିକାରୀ ଅକ୍ଷମତା ପ୍ରକାଶ କରିଥିବା ବେଳେ ଅତିଶୀଘ୍ର ମାତୃ ଶିଶୁ ମଂଗଳ କେନ୍ଦ୍ରକୁ ଅତିଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ୧ ମାସ ମଧ୍ୟରେ ବିଭିନ୍ନ ଦାବି ପୂରଣ ହେବା ଏବଂ ସମସ୍ତ କାର୍ଯ୍ୟରେ କଂଗ୍ରେସ ସହାୟତା କାରିବା ସିଦ୍ଧାନ୍ତ ହେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଏଥିରେ ବିଜୟ ଘୋଷ, ଜୟନ୍ତ ଘୋଷ, ସୁପ୍ରଭା ଗିରି, ଉଷାରାଣୀ ଗିରି, କଳ୍ପନା ଗିରି, ସରସ୍ୱତୀ ଗିରି, କବିତା ଗିରି ପ୍ରମୁଖ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ବିଶ୍ୱ ଆଦିବାସୀ ଦିବସ ପାଳିତ

ମାଲକାନଗିରି,୧୦/୮ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ ଆମ୍ବାଗୁଡା ନିକଟରେ ଆଜି ୨୭ ତମ ମୂଳନିବାସୀ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଇଛି । ଏଥିରେ ବ୍ଲକ ଚେୟାରମ୍ୟାନ ମାଳା ମାଢୀ, ଆଦିବାସୀ ସଂଘର ସଭାପତି ଗଙ୍ଗାଧର ସୋଢୀ, ସଭାପତି ଦେବା ମାଡକାମୀ, ଦାମୋଦର ଦୁରୁକା, ଆଡମା ରାବା, ଦାମ ଚରଣ, କ୍ୟାସିୟର ଦେସା କମରାମ, ସୋମା ମାଡକାମୀ, ହରି ଗୋଲରୀ, ସିଡିପିଓ ଅର୍ଣ୍ଣପୂର୍ଣ୍ଣା ବୁରୁଦା ଏବଂ ୧୦୦ରୁ ଉର୍ଦ୍ଧ୍ୱ ମୂଳନିବାସୀ ଉପସ୍ଥିତ ଥିଲେ। ପରେ ସମସ୍ତେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ସଭାରେ କିଭଳି ମୂଳ ନିବାସୀ ଶିକ୍ଷା, ସ୍ୱାସ୍ଥ୍ୟ, ଜଙ୍ଗଲ ଜମିର ସଦୁପଯୋଗ, କୃଷି କ୍ଷେତ୍ରରେ ଅଗ୍ରଗତି କରିବେ ତାହା ଆଲୋଚନା ହୋଇଥିଲା । ଜଙ୍ଗଲ ଜାତ ଦ୍ରବ୍ୟର ସଦୁପଯୋଗ ଏବଂ ବାହାର ରାଜ୍ୟକୁ ନଯାଇ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସହାୟତାର ସଦୁପଯୋଗ କରି ନିଜର ଏବଂ ନିଜ ଅଂଚଳର ଉନ୍ନତି ଦିଗରେ ପଦକ୍ଷେପ ନେବାକୁ ଆଲୋଚନା କରିଥିଲେ । ତାସହ ଅଗଷ୍ଟ ୯ ବିଶ୍ୱ ମୂଳନିବାସୀ ଦିବସକୁ ଛୁଟି ଘୋଷଣା କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନାର୍ଯ୍ୟ ଦାବୀ ଉପସ୍ଥାପନା କରିଛନ୍ତି ।

# ସ୍ୱଚ୍ଛତା ବଜାୟ ରଖିବାରେ ସହାୟକ ହେଉଛି ଜୈବିକ କୁଣ୍ଡ

ନୂଆପଡା,୧୦/୮ (ନି.ପ୍ର): ମହାତ୍ମା ଗାନ୍ଧୀ ଜାତୀୟ ନିର୍ଶ୍ଚିତ କର୍ମ ନିଯୁକ୍ତି ଯୋଜନା ଗ୍ରାମୀଣ ଲୋକଙ୍କୁ ନିଯୁକ୍ତି ଦେବା ସହ ଗ୍ରାମ୍ୟ ଭିତିଭୂମିକୁ ସୁଧାରିବାରେ ସହାୟକ ହୋଇ ପାରୁଛି । ଏହାର ପ୍ରମୁଖ ଉଦାହରଣ ହେଲା ଏହି ଯୋଜନାରେ କରାଯାଉଥିବା ଜୈବିକ କୁଣ୍ଡ । ଲୋକେ ଗାଈ, ମଇଁଷି, ଛେଳି ମଳ ସହ ଘରର ଆବର୍ଜନା ଏହି କୁଣ୍ଡରେ ପକାଇବେ, ଯଦ୍ୱାରା ଉତ୍କୃଷ୍ଟ ଖତ ଉତ୍ପାଦନ ସହ ପରିବେଶରେ ସ୍ୱଚ୍ଛତା ଆଣିବା ଏହାର ଲକ୍ଷ୍ୟ । ଖଡ଼ିଆଳ ବ୍ଲକରେ ପ୍ରତି ଗ୍ରାମରେ ଶହ ଶହ ଜୈବିକ କୁଣ୍ଡ ତିଆରି କରାଯାଉଛି । ଏହି କୁଣ୍ଡ ତିଆରି କରୁଥିବା ପରିବାର ମନରେଗା ଯୋଜନାର ନିୟମ ଅନୁଯାୟୀ ମଜୁରୀ ମଧ ପାଉଛନ୍ତି । କୁଣ୍ଡ ମଧ୍ୟରେ ମଇଳା ଆବର୍ଜନା ପକାଇବା ସହ ହିଡ ଚାରିପଟେ ପନିପରିବା ଲଗାଇ ପାରୁଛନ୍ତି । ଖଡ଼ିଆଳ ଏପିଓ ରବି ନାରାୟଣ ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଗ୍ରାମ ରୋଜଗାର ସେବକ, ବିଏଫଟି ଓ ଗାଁ ସାଥି ମାନେ ଏନେଇ ଲୋକଙ୍କୁ ଉତ୍ସାହିତ କରୁଛନ୍ତି ।

# ହାତୀ ଆକ୍ରମଣରେ ଯୁବକ ଗୁରୁତର

ଖୋର୍ଦ୍ଧା,୧୦/୮ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଦେଉଳି ପଚାଂୟତ ଅନ୍ତର୍ଗତ ଦଳକ ଗ୍ରାମରେ ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ତାଙ୍କ ନାମ ମୁନା ବେହେରା । ୨୪ ବର୍ଷିୟ ମୁନା ଗତକାଲି ବିଳମ୍ବିତ ରାତିରେ ପୋଖରୀକୁ ଯାଇଥିବା ବେଳେ ସେଠାରେ ହାତୀଟି ତାଙ୍କୁ ଆକ୍ରମଣ କରିଥିଲା । ଫଳରେ ତାଙ୍କ ହାତ ଭାଙ୍ଗିଯାଇଛି ।

# ବିଭିନ୍ନ ସମସ୍ୟା ନେଇ ଗାଁ ସାଥୀ ସଙ୍ଘର ବୈଠକ

ନୂଆପଡ଼ା ,୧୦/୮ (ନି.ପ୍ର): ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଗାଁସାଥି ସଂଘର ବିଭିନ୍ନ ସମସ୍ୟାକୁ ନେଇ ନୀଳଜୀ ପଞ୍ଚାୟତ ପରିସରରେ ବ୍ଲକ ସଂଘ ସଭାପତି ପବିତ୍ର ମୋହନ ପ୍ରଧାନଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିନାପାଲି ବ୍ଲକ ଗାଁ ସାଥି ସଂଘ ସମ୍ପାଦକ ହେମନ୍ତ କୁମାର ମାଝୀ ସମସ୍ତଙ୍କୁ ଅଭିନନ୍ଦନ ଜଣାଇ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ସଂଘ କୋଷାଧକ୍ଷ ମହାଦେବ ତାଣ୍ଡି ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ପରେ ବିଭିନ୍ନ ଗ୍ରାମର ଗାଁ ସାଥୀ ମାନେ ନିଜ ନିଜ ବିଭିନ୍ନ ସମସ୍ୟା ଉପସ୍ଥାପନା କରିଥିଲେ। ଗାଁ ସାଥୀ ମାନଙ୍କୁ ବିଭିନ୍ନ କାର୍ଯ୍ୟରେ ଅଣଦେଖା କରିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଆଗାମୀ ଦିନରେ ଗାଁ ସାଥୀ ସଂଘକୁ ମଜବୁତ କରିବା ଓ ଗାଁ ସାଥୀ ମାନଙ୍କ ବିଭିନ୍ନ ସମସ୍ୟା ନେଇ ପ୍ରଶାସନ ନିକଟରେ ଦାବି ଜଣାଇବା ପାଇଁ ପ୍ରସ୍ତୁତ ରହିବାକୁ ବୈଠକରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକ ସିନାପାଲି ବ୍ଲକ ଅନ୍ତର୍ଗତ ସମସ୍ତ ଗାଁ ସାଥୀ ଉପସ୍ଥିତ ଥିଲେ।

# ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସାମିଲ ପାଇଁ ଦାବି

ଜୟପୁର ,୧୦/୮ (ନି.ପ୍ର): ଜୟପୁର ନାରାୟଣ ତୋଟା ସାହି ଓ ଗୋପବନ୍ଧୁ ନଗରର ମହିଳା ମାନେ ସୋମବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ଜୟପୁର ଉପ ଜିଲାପାଳ ଙ୍କ ଦ୍ୱାରସ୍ଥ ହୋଇ ସେ ମାନେ ଜାତୀୟ ପରିବାର ମଙ୍ଗଳ ଯୋଜନ ରେ ସାମିଲ ହେବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବି ନେଇ ଗତ ୧ ବର୍ଷ ଜୟପୁର ପୌରପାଳିକାର ଆବେଦନ କରିଥିଲେ ମଧ କିଛି ସୁଫଳ ମିଳୁ ନାହିଁ । ତେଣୁ ଉପଖଣ୍ଡ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଇ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସାମିଲ କରିବାକୁ ମାଳଥି ସାଗର, ରୁପା ଟାକରି, ଲତା ସାଗର, ରାକ୍ଷି ପୁଜାରି ପ୍ରମୁଖ ଦାବିକରିଛନ୍ତି ।

# ମିଳିତ ଶ୍ରମିକ ସଂଗଠନର ବିକ୍ଷୋଭ

ଜୟପୁର ,୧୦/୮ (ନି.ପ୍ର): ସର୍ବଭାରତୀୟ ମିଳିତ ଶ୍ରମିକ ସଂଗଠନ ର ଆହ୍ୱାନ କ୍ରମେ ଐତିହାସିକ ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ଆଜି ଜୟପୁର ଠାରେ 'ଭାରତ ବଞ୍ଚାଅ' ଦିବସ ପାଳନ ହୋଇଯାଇଛି । ଏନ୍ ଏଚ୍ -୨୬ ମୁଖ୍ୟ ରାଜପଥ ଉପରେ ଜୟପୁର ଟ୍ରାଫିକ ଛକ ଠାରେ ଆଇଏନଟିୟୁସି, ଏଆଇଟିୟୁସି, ଏଆଇୟୁଟିୟୁସି, ସିଆଇଟିୟୁ, ଏଆଇସିଟିୟୁ ପ୍ରମୁଖ ଟ୍ରେଡ୍ ୟୁନିଅନ ମାନଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ମୋଦୀ ସରକାର ଆସିବାପରେ ଯେଭଳି ଭାବରେ ଦେଶର ସମ୍ବିଧାନର ମୈାଳିକ ଢାଞ୍ଚାକୁ କ୍ଷତ ବିକ୍ଷତ କରି ଭାଙ୍ଗିବା ଉଦ୍ୟମ ଆରମ୍ଭ ହୋଇଛି , ଶ୍ରମିକ ଓ ଚାଷି ମାନଙ୍କ ଉପରେ ଏବଂ ସର୍ବୋପରି ସାଧାରଣ ଲୋକ ଙ୍କ ଉପରେ ଆକ୍ରମଣ ଜାରି ରହିଛି ତାର ବିରୋଧ କରି ଶ୍ରମିକ ଚାଷୀ ମୁଲିଆ ମେହନତୀ ମଜଦୁର କରି ବଞ୍ଚୁଥିବା ଲୋକ ମାନେ ରାଜରାସ୍ତାକୁ ଓହ୍ଲାଇ ଆଓ୍ୱାଜ୍‌କୁ ଶାଣିତ କରୁଛନ୍ତି । ଏହି ମିଳିତ ଶ୍ରମିକ କୃଷକ ସଂଗଠନ ମାନେ କହିଛନ୍ତି ଯେ ଶ୍ରମିକ ବିରୋଧୀ ଶ୍ରମ ଆଇନ୍ ସଂଶୋଧନ ବାତିଲ୍ କର , ସମସ୍ତଙ୍କ ହାତକୁ କାମଯୋଗାଇ ଦିଅ, ଚାଷୀ ଓ ସାଧାରଣ ମଣିଷ ବିରୋଧୀ ତିନୋଟି ଯାକ କଳା କୃଷି ଆଇନ ବାତିଲ୍ କର , କୋରୋନା ମହାମାରୀ କାଳରେ ପ୍ରତି ପରିବାରକୁ ମୁଣ୍ଡ ପିଛା ମାସିକ ଦଶକେଜି ଖାଦ୍ୟ ଶସ୍ୟ ଓ ସାମଗ୍ରୀ ର କିଟ୍ ଯୋଗିଇଦେବା , ପ୍ରତିପରିବାରକୁ ୭,୫୦୦/ ଟଙ୍କା ସହାୟତା ରାଶି ପ୍ରଦାନ କରିବା, ରାଷ୍ଟ୍ରୀୟ ସମ୍ପଦ ର ବିକ୍ରି ବନ୍ଦ କରିବା, ପ୍ରତିରକ୍ଷା ବିଭାଗର ଘରୋଇକରଣ ବନ୍ଦ କରିବା , ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ପାଇଁ ଅଧିକ ବ୍ୟୟ ବରାଦ କରିବା ଆଦି ଦାବି ସହିତ ବିଶେଷ କରି ପେଟ୍ରୋଲ ଡିଜେଲ ଗ୍ୟାସ୍ ଦର ବୃଦ୍ଧି ହ୍ରାସ କରି ଆନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ହ୍ରାସର ଲାଭକୁ ଜନସାଧାରଣଙ୍କ ସ୍ୱାର୍ଥରେ ବିନିଯୋଗ କରିବା ଏବଂ ଆକାଶ ଛୁଆଁ ଦରଦାମ୍ ବୃଦ୍ଧି କମ୍ କରିବା ପାଇଁ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଆଜିର ଏହି ବିକ୍ଷୋଭ ପ୍ରଦର୍ଶନ ରେ ସର୍ବଶ୍ରୀ ପ୍ରମୋଦ କୁମାର ମହାନ୍ତି, ଯୁଧିଷ୍ଠିର ରାଉଳ, ସୁବାଷ ଭଟ୍ଟାଚାର୍ଯ୍ୟ, ସୂର୍ଯ୍ୟ ବିଷୋୟୀ, ଉତ୍ତମ ମଲ୍ଲିକ, ନନ୍ଦ ହରିଜନ, ଭୂବନ କମାର , ବସନ୍ତ ବେହେରା, ରାମଚନ୍ଦ୍ର ବାରିକ ପ୍ରମୁଖ ନେତୃତ୍ୱ ନେଇଥିଲେ

# ଡ୍ରେନ ଜଳ ଘେରରେ ୫ ପରିବାର : ସ୍ଥାୟୀ ଡ୍ରେନ୍ ନିର୍ମାଣ ପାଇଁ ଦାବି

ମାଲକାନଗିରି,୧୦/୮ (ନି.ପ୍ର): ଗାଁ ମଝିରେ ବସବାସ କରୁଥିବା ବେଳେ ବେଳେ ଡ୍ରେନ୍ ନଥିବାରୁ ବର୍ଷା ହେଲେ ଜଳ ନିଷ୍କାସନ ହୋଇ ନପାରି ଜଳବନ୍ଦୀ ହୋଇଯାଉଥିଲେ ଗ୍ରାମର ଏକାଧିକ ପରିବାର । ଗ୍ରାମରେ ଗତ ସାତ ବର୍ଷ ଧରି ଏଭଳି ଚିତ୍ର ଦେଖିବାକୁ ମିଳୁଥିବା ବେଳେ ବାରମ୍ବାର ଅଭିଯୋଗ ସତ୍ୱେ ଏ ଦିଗରେ କେହି ଦୃଷ୍ଟି ଦେଉନଥିଲେ । ଏଥିପାଇଁ ସ୍ଥାନୀୟ ବିଡିଓ ପଡିଆ ବ୍ଲକ କାଲଦାପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଏମଭି ୫୯ ଗ୍ରାମକୁ ଯାଇ ବର୍ଷା ଜଳ ନିଷ୍କାସିତ ହୋଇପାରୁ ନଥିବାରୁ ଜଳବନ୍ଦୀ ହୋଇ ରହୁଥିବା ପ୍ରାଣ ରାୟ, ଜୀବନ ରାୟ, ବିନୋଦ ସରକାର, ରଞ୍ଜିତ ବର୍ମନ ଓ ନିରଞ୍ଜନ ଢାଲି ସମେତ ଅନ୍ୟାନ୍ୟ ପରିବାରକୁ ଭେଟି ଆଲୋଚନା କରିବା ସହ ଡ୍ରେନ୍ ନଥିବାରୁ ପାଣି ଜମା ହୋଇ ରହିଥିବା ଏକାଧିକ ସ୍ଥାନ ବୁଲି ଦେଖିଥିଲେ । ଚଳିତ ବର୍ଷର ପ୍ରଥମ ବର୍ଷାରେ ଏମଭି ୫୯ ଗ୍ରାମରେ ବସବାସ କରୁଥିବା ଏହି ଲୋକଙ୍କ ଘର ଜଳମଗ୍ନ ହୋଇ ରହିଥିଲା । ଯାହାଫଳରେ ଏହି ପରିବାରର ସଦସ୍ୟ ଘର ବାହାରକୁ ବାହାରି ପାରୁ ନଥିବା ବେଳେ ଅସୁରକ୍ଷିତ ଓ ସନ୍ତସନ୍ତିଆ ପରିବେଶରେ ବହୁ କଷ୍ଟରେ ଚଳୁଥିଲେ । ପଡିଆ ବିଡିଓ ଘଟଣାସ୍ଥଳରେ ପହଞ୍ଚି ଘର ଗୁଡିକ ଠାରୁ ପକ୍କା ରାସ୍ତାର ଉଚ୍ଚତା ହୋଇଥିବା ବେଳେ ଉପଯୁକ୍ତ ଡ୍ରେନ୍ ବ୍ୟବସ୍ଥା ନଥିବାରୁ ଘର ଗୁଡିକ ଜଳମଗ୍ନ ହୋଇ ରହୁଥିବା କହିଥିଲେ । ତୁରନ୍ତ ଅସ୍ଥାୟୀ ଡ୍ରେନ୍ ନିର୍ମାଣ କରିବାକୁ ସ୍ଥାନୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେବା ସହ ପ୍ରାୟ ୨ ଶହ ମିଟର ସ୍ଥାୟୀ ଡ୍ରେନ୍ ନିର୍ମାଣ ପାଇଁ ଜିପିଡିପି, ବିପିଡିପି କିମ୍ବା ଅନ୍ୟାନ୍ୟ ଯୋଜନାରେ ସାମିଲ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏଥିପାଇଁ ପ୍ରାଣ ରାୟଙ୍କ ଘର ସମ୍ମୁଖରେ ଏକ ଅସ୍ଥାୟୀ ଡ୍ରେନ୍ ନିର୍ମାଣ କରାଯାଇଥିବା ଦେଖିବାକୁ ମିଳିଥିଲା ବେଳେ ପ୍ରଶାସନ ସ୍ଥାୟୀ ଡ୍ରେନ୍ ନିର୍ମାଣ ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ଗ୍ରାମବାସୀ କହିଛନ୍ତି ।

# ନଦୀ ସୁରକ୍ଷା ଅଭିଯାନକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କୋରେଇ,୧୦/୮ (ନି.ପ୍ର): ବୈତରଣୀ ନଦୀର ସୁରକ୍ଷା ପାଇଁ ଅଭିଯାନକାରୀଙ୍କୁ ମୂଳାପାଳ ବାବା ଲିଙ୍ଗେଶ୍ୱର ପୀଠରେ ପହଂଚିବା ପରେ ତାଙ୍କୁ ଲିଙ୍ଗେଶ୍ୱର ଉନ୍ନୟନ କମିଟି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଗୋନାସିକାରୁ ଧାମରା ଚାନ୍ଦବାଲି ପର୍ଯ୍ୟନ୍ତ ବିଶିଷ୍ଟ ସନ୍ୟାସୀ ସ୍ୱାମୀ ରାମାନନ୍ଦ ପୁରୀଙ୍କ ନେତୃତ୍ୱରେ ବୈତରଣୀ ପରିକ୍ରମାରେ ବାହାରିଥିବା ମହାନ ସାଧୁ ସନ୍ଥଙ୍କୁ ସ୍ୱାଗତ କରାଯିବା ସହ ରାତ୍ରୀ ଯାପନର ବ୍ୟବସ୍ଥା କରାଯାଇଥିଲା । ଲିଙ୍ଗେଶ୍ୱର ଉନ୍ନୟନ କମିଟି ପକ୍ଷରୁ ଦାମୋଦର ଧଳ, ନିକୁଂଜ ବିହାରୀ ସାହୁ, ପ୍ରତାପ ଧଳ, ଶରତ ଚନ୍ଦ୍ର ଧଳ, ବୃନ୍ଦାବନ ସାହୁ, ଦୈତାରୀ ଧଳ, ଦିଲ୍ଲୀପ ଧଳ, ବାସୁଦେବ ପରିଡା, ଗୋଲକ ଚନ୍ଦ୍ର ମାଝୀ, ରମେଶ ସାହୁ, ରାଜ କିଶୋର ମଲ୍ଲିକ, ନିତ୍ୟାନନ୍ଦ ପରିଡା, ରମେଶ ସାହୁ, ମାନସ ରଂଜନ ଧଳ, ଆନନ୍ଦ ପାଳଙ୍କ ସମେତ ସମସ୍ତ କର୍ମକର୍ତା/ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ୧୨ ଦଫା ଦାବିରେ ଶ୍ରମିକ ଓ କ୍ଷେତ ମଜଦୂର ସଂଗଠନର ବ୍ଲକ ସମ୍ମୁଖରେ ସତ୍ୟାଗ୍ରହ

ଜଳେଶ୍ୱର ୯/୮(ନିପ୍ର): ଦେଶର ଶ୍ରମିକ, କ୍ଷେତମଜଦୁର ଆଜି ଦଳିତ, ଲାଞ୍ଛିତ ଓ ନିସ୍ପେଷିତ । ଏପରି ସଂଗଠନ ସମ୍ମିଳିତ ହୋଇ ଜଳେଶ୍ୱର ରେଳ ଷ୍ଟେସନ ଠାରୁ ଏକ ର୍ୟାଲିରେ ଜଳେଶ୍ୱର ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ । ୧୨ ଦଫା ଦାବି ମଧ୍ୟରେ ଶ୍ରମ ଆଇନ୍‌ର ସଂଶୋସନ, ୩ଟି କଳାକୃଷି ଆଇନ୍‌କୁ ପ୍ରତ୍ୟାହାର, କରୋନା ପରାବର୍ତି ସମୟରେ ଲୋକଙ୍କୁ କାମଧନ୍ଦା ଯୋଗାଇବା, ଯୋଗ୍ୟ ବ୍ୟକ୍ତିଙ୍କୁ ଆବାସ ଯୋଜନାରେ ଘର ଯୋଗାଇବା, ମାଂକଡ ଉପଦ୍ରବରୁ ଚାଷୀଙ୍କୁ ରକ୍ଷା କରିବା, ଅଫଲାଇନ୍ ଯୋଗେ ଗ୍ରାମାଂଚଳରେ ଟିକାକରଣ କରିବା, ସବୁଚାଷୀ ଧାନ ବିକ୍ରୟ ପାଇଁ ପଂଜିକରଣ କରିବା ଓ ଟୋକନ୍ ଅବଧିକୁ ୧ମାସ ବଢାଇବା, ଉତ୍ପାଦିତ ସମସ୍ତ ଧାନ କ୍ରୟ କରିବା ଇତ୍ୟାଦି ଦାବି ନେଇ ସଂଗଠନର କର୍ମୀମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଥିଲେ । ଶ୍ରମିକ, କୃଷକ, କ୍ଷେତ ମଜଦୁର ସଂଗଠନର ଆବାହକ ଦିପ୍ତିମାନ ଆଚାର୍ଯ୍ୟ, ସିତାଂଶୁ ସେନାପତି, ପଲ୍ଟୁ ଦାସ, ମମି ପଣ୍ଡା, ଈଷାନୀ ଷଡଙ୍ଗୀ, ଜିତାଂଶୁ ନନ୍ଦି, ରବିନ୍ଦ୍ର ବାରିକ, ଗଣେଶ ଭୂୟାଁ, ମମତା ରାଜ, ସନ୍ତୋଷ ଦାସ, ଜୀବନ ପରିଡା, ସେକ୍‌ଅବଦୁଲ ସାଦ୍ଦିକ, ଜତିନ ଜେନା, ରତନ ଦାସ ନେତୃତ୍ୱରେ ଏପରି ଏକ ଶୋଭାଯାତ୍ରା କରାଯାଇଥିଲା । ଶେଷରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ୧୨ଦଫା ଦାବି ସମ୍ମୀଳିତ ଦାବିପତ୍ରକୁ ବ୍ଲକ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଥିଲା ।

# ସତ ଜାଣିଲେ ଖାଇବେନି

ଖାଦ୍ୟର ଗୁଣବତ୍ତା ବଜାୟ ରଖିବା ପାଇଁ ଆମେ ରାନ୍ଧିବା ପୂର୍ବରୁ ମାଛ, ମାଂସ, ପନିପରିବା ଆଦି ଭଲ ଭାବେ ଧୋଇଥାଉ । ରୋଷେଇ ଘରକୁ ବି ରଖିଥାଉ ପରିଚ୍ଛନ୍ନ । କିନ୍ତୁ ଜାଣନ୍ତି କି ବଜାରରୁ ଆମେ ଏମିତି କିଛି ସୁସ୍ୱାଦୁ ଖାଦ୍ୟ କିଣିଥାଉ ଯାହାର ତିଆରି ବିଷୟରେ ଶୁଣିଲେ ନିଜ ମନପସନ୍ଦର ଖାଦ୍ୟଟିକୁ ହୁଏତ କେବେ ବି ଛୁଇଁବା ନାହିଁ । ଆସନ୍ତୁ ନଜର ପକାଇବା ସେଇସବୁ ଖାଦ୍ୟ ଉପରେ ।

### ଆନ୍ କୋନୋ କୁରୋ ବିଅର୍:



କୋପି ଲୁଆକ୍ ଭଳି ଜାପାନର ଏହି ଲୋକପ୍ରିୟ ବିଅରର ଗୁରୁତ୍ୱପୂର୍ଣ୍ଣ ଉପାଦାନ ହେଉଛି କଫି ମଞ୍ଜି । କଫି ମଞ୍ଜିର ସ୍ୱାଦ ବଢ଼ାଇବା ପାଇଁ କୋପି ଲୁଆକ୍ ଭଳି ଏଠାରେ ମଧ୍ୟ ପ୍ରଥମେ ହାତୀକୁ ତାହା ଖୁଆଇ ଦିଆଯାଏ । ୩୩ କିଲୋଗ୍ରାମ କଫି ମଞ୍ଜି ଖୁଆଇଲେ ମାତ୍ର ୧ କିଲୋ ମଞ୍ଜି ହାତୀର ମଳ ବାଟେ ବାହାରିଆସେ । ମଳରୁ ବାହାରିଥିବା ଏହି କଫି ମଞ୍ଜିରୁ ପ୍ରସ୍ତୁତ ହୁଏ ଆନ କୋନୋ କୁରୋ ବିଅର ।



### ବେବି ପୁପ୍ ସସେଜ୍:

ଆଜିକାଲି ସୁପର ମାର୍କେଟରୁ ଆରମ୍ଭ କରି ସପିଙ୍ଗ ମଲ ସବୁଠି ମିଳୁଛି ସସେଜ୍ । ହାଲୁକା ସ୍ନାକ୍ସ ଭାବେ ଏହାର ଯଥେଷ୍ଟ ଚାହିଦା ରହିଛି । ତେବେ ଏହି ସସେଜ ପ୍ରସ୍ତୁତ କରିବା ପାଇଁ କ'ଣ ଆବଶ୍ୟକ ହୁଏ ଜାଣନ୍ତି? ସସେଜ ତିଆରି କରିବାରେ ଏକ ପ୍ରକାର ବ୍ୟାକ୍ଟେରିଆ ବ୍ୟବହାର କରାଯାଏ ଯାହା ଶିଶୁମାନଙ୍କ ମଳରୁ ହିଁ ମିଳିଥାଏ ।

### କୋପି ଲୁୟାକ:




ବିଶ୍ୱର ସବୁଠାରୁ ଦାମୀ ଏହି କଫି । ତେବେ ଏହି କଫି ମଞ୍ଜିର ଅମ୍ଳତା ହ୍ରାସ କରି ଏହାକୁ ସୁସ୍ୱାଦୁ କରିବା ପାଇଁ ଏକ ଅଜବ ଉପାୟ ଅବଲମ୍ବନ କରାଯାଏ । ସେହି ଅନୁସାରେ ଏକ ସ୍ୱତନ୍ତ୍ର ପ୍ରଜାତିର ବନ୍ୟ ବିଲେଇକୁ ପ୍ରଥମେ ଏହି କଫିର ମଞ୍ଜିକୁ ଖୁଆଯାଏ । ଏହି ବିଲେଇମାନଙ୍କ ଖାଦ୍ୟ ନଳୀରେ କଫି ମଞ୍ଜି ହଜମ ହୁଏ ନାହିଁ । ଉପରନ୍ତୁ ଖାଦ୍ୟ ନଳୀର ଉତସେଚକ କଫି ମଞ୍ଜିର ଅମ୍ଳତା, ପ୍ରୋଟିନ ଏବଂ କ୍ୟାଫେଇନର ମାତ୍ରା କମ କରି ଏହାର ସ୍ୱାଦକୁ ଆହୁରି ବଢ଼ାଇ ଦେଇଥାଏ । ପରବର୍ତ୍ତୀ ସମୟରେ ଏହି ବିଲେଇର ମଳରୁ ସଂଗ୍ରହ କରାଯାଏ କଫି ମଞ୍ଜି । ବାସ ଏହା ପରେ ପ୍ରସ୍ତୁତ ହୋଇଥାଏ ବିଶ୍ୱର ସବପୁଠୁ ମୂଲ୍ୟବାନ କଫି ।

### ଶିକା:

ଦକ୍ଷିଣ ଆମେରିକାର ଆଣ୍ଡିଜରେ ଏହି ଧରଣର ଖାଦ୍ୟର ଲୋକପ୍ରିୟତା କାହିଁରେ କ'ଣ । ଏହା ସେଠାକାର ଏକ ଐତିହ୍ୟପୂର୍ଣ୍ଣ ଖାଦ୍ୟ । ମକା ମଞ୍ଜିରୁ ପ୍ରସ୍ତୁତ ଏହି ବିଶେଷ ଧରଣର ଖାଦ୍ୟ ପ୍ରସ୍ତୁତ କଲା ବେଳେ ପ୍ରଥମେ ମଞ୍ଜି ଗୁଡ଼ିକୁ ଶିକା ପ୍ରସ୍ତୁତ କରୁଥିବା ଲୋକମାନେ ନିଜ ଲାଳ ସାହାଯ୍ୟରେ ଓଦାଳିଆ କରନ୍ତି । ଲାଲରେ ଥିବା ଏନଜାଇମ ମକା ମଞ୍ଜିଗୁଡ଼ିକୁ ଫରମେଣ୍ଟସନ କରିବାରେ ସାହାଯ୍ୟ କରିଥାଏ ।



### ମହୁ:

ମହୁତ ସ୍ୱାଦ ଓ ଗୁଣରେ ଭରପୂର । ମାତ୍ର ଜାଣନ୍ତି କି ଅତି ସୁସ୍ୱାଦୁ ଏହି ମହୁ ପ୍ରକୃତରେ ମହୁମାଛିର 'ବାନ୍ତି' ।



### ଫୁଟିକାମି ନୋ ସେକ:

ଜାପାନର ଏହି ପାନୀୟ ରାଇସ ୱାଇନ ନାଁରେ ବି ପରିଚିତ । ଆମଦେଶରେ ବି ଉତ୍ତର-ପୂର୍ବ ରାଜ୍ୟର ଲୋକମାନେ ଏହି ପାନୀୟ ପିଇଥାନ୍ତି । ଚାଉଳର ଶର୍କରାକୁ ଭାଙ୍ଗିବା ପାଇଁ ଆସପରଜିଲସ ନାମକ ଏକ ପ୍ରକାରର ଫଙ୍ଗସ୍ ବ୍ୟବହାର କରାଯାଏ । ମାତ୍ର ଅନେକ ସ୍ଥଳରେ ଲୋକମାନେ ସେଥିରେ ନିଜର ଲାଳ ମିଶାଇ ପ୍ରକ୍ରିୟାକୃତ କରିଥାନ୍ତି ।



## ମନୁଷ୍ୟ ନାକର କ୍ଷମତା

ମନୁଷ୍ୟର ଜୀବନଶୈଳୀକୁ ନେଇ ଗବେଷକଗଣ ବର୍ଷ ବର୍ଷ ଧରି ପରୀକ୍ଷା କରିଆସୁଛନ୍ତି । ଏ ସଂକ୍ରାନ୍ତରେ ନିକଟରେ ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଗଣ ପରୀକ୍ଷା କରି ବିଭିନ୍ନ ରୋଚକ ତଥ୍ୟ ପ୍ରକାଶ କରିଛନ୍ତି । କିଛି ସେକେଣ୍ଡରେ ଜଣେ ସାଧାରଣ ବ୍ୟକ୍ତି ଲକ୍ଷାଧିକ ପ୍ରକାରର ରଙ୍ଗକୁ ଚିହ୍ନଟ କରିପାରୁଥିବା ବେଳେ ବିଭିନ୍ନ ପ୍ରକାର ଶବ୍ଦକୁ ମଧ୍ୟ ଶୁଣିପାରେ । ଆଉ ରହିଲା ବାସ୍ନା ପ୍ରସଙ୍ଗ । ୯୧%ରୁ ଅଧିକ ଲୋକ ୫୦ହଜାର ପ୍ରକାରର ବାସ୍ନାକୁ ଯେ କୌଣସି ପରିସ୍ଥିତିରେ ଭୁଲିପାରନ୍ତି ନାହିଁ । ଉଦାହରଣ ସ୍ୱରୂପ ଅନ୍ୟ କାହା ଘରକୁ ଗଲେ ସେଠାକାର ଭିନ୍ନ ପରିବେଶ ଓ ବାସ୍ନାକୁ ଆମେ ତୁରନ୍ତ ଘ୍ରାଣ କରିପାରୁ । ଏପରିକି ଅନେକ ବର୍ଷ ପରେ ସେହି ବାସ୍ନା ସହ ଜଡ଼ିତ ହେଲେ, ତାହାର ସ୍ମୃତିକୁ ମନେପକାଇ ପାରେ ମନୁଷ୍ୟ । ବାସ୍ନା ଯଦିଓ କ୍ଷଣସ୍ଥାୟୀ ହେଲେ ମନୁଷ୍ୟର ଚିନ୍ତାଧାରାରେ ଏହାର ସମୟ ସୀମା ସର୍ବାଧିକ ।



# ତିରୁଅନନ୍ତପୁରମର ମୁଖ୍ୟ ଆକର୍ଷଣ









କେରଳର ରାଜଧାନୀ ତିରୁଅନନ୍ତପୁରମକୁ ପ୍ରତି ବର୍ଷ ସଂଖ୍ୟାଧିକ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳେ । ସ୍ଥାନୀୟ ପର୍ବପର୍ବାଣି, ପ୍ରମୁଖ ପର୍ଯ୍ୟଟନ ସ୍ଥଳ ସହ ଏଠାକାର ସ୍ଥାନୀୟ ଖାଦ୍ୟ ହିଁ ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ । ଭାରତର ପ୍ରମୁଖ ପ୍ରାନ୍ତ ସହ ବିଦେଶକୁ ମଧ୍ୟ ଲୋକେ କେବଳ ଏଥିପାଇଁ ଏଇ ଦକ୍ଷିଣ ଭାରତୀୟ ରାଇଜକୁ ଛୁଟି ଆସିଥାନ୍ତି ।

ବିଭିନ୍ନ ପର୍ଯ୍ୟଟକଙ୍କ ମତ ଅନୁସାରେ, କୋବଲମ ସମୁଦ୍ରକୂଳ ନିକଟସ୍ଥ ରେସ୍ତୋରାଁର 'ସି ଫୁଡ୍' ହିଁ ସେମାନଙ୍କୁ ଏଠାକୁ ଭ୍ରମଣ ପାଇଁ ଟାଣି ନେଇ ଆସେ । ସୁଆଦିଆ ଏଇ ଖାଦ୍ୟର ମୂଲ୍ୟ ମଧ୍ୟ ସେଭଳି କିଛି ବେଶୀ ନୁହେଁ । ଅନ୍ୟ ଏକ ଆକର୍ଷଣୀୟ ବ୍ୟଞ୍ଜନ ହେଲା 'ଇଡ୍ଡିପିୟମ୍ ୱିଦ୍ କରି' । ସ୍ଥାନୀୟ ରୋଷେଇୟାମାନେ ବିଭିନ୍ନ ପ୍ରକାର ମସଲା ଦେଇ ଏଇ ବ୍ୟଞ୍ଜନ ପ୍ରସ୍ତୁତ କରନ୍ତି । ରାସ୍ତା କଡ଼ ଠେଲା ଠାରୁ ପଞ୍ଚତାରକା ହୋଟେଲ, ସେଠାରେ ସମସ୍ତ ସ୍ଥାନରେ ଏଇ ବ୍ୟଞ୍ଜନର ଚାହିଦା ରହିଛି ।



ବିଭିନ୍ନ ଲୋକପ୍ରିୟ ବ୍ୟଞ୍ଜନ ମଧ୍ୟରୁ ପୁଟ୍ଟୁ-କାଦଲା କରି, ଚାଉଳ ଓ କଦଳୀ ମିଶ୍ରିତ ବ୍ୟଞ୍ଜନଟି ଖୁବ୍ ସୁଆଦିଆ ଲାଗିଥାଏ । ବିଦେଶୀ ପର୍ଯ୍ୟଟକମାନେ ସେଠାକାର ଚୁଙ୍ଗୁଡ଼ି ତର୍କାରି ସହ ଦକ୍ଷିଣ ଭାରତୀୟ ଆମିଷ ବ୍ୟଞ୍ଜନ ଖାଇବାକୁ ଖୁବ୍ ପସନ୍ଦ କରନ୍ତି ।

## ଦେଢ଼ ଲକ୍ଷର ରାତ୍ରିଭୋଜନ !

ସ୍ପେନ୍ ଉପକୂଳଠାରୁ ପ୍ରାୟ ସତୁରି କିଲୋମିଟର୍ ଦୂରରେ ଭୂମଧ୍ୟସାଗର ମଧ୍ୟରେ ଥିବା ଇବ୍‌ଜା ଦ୍ୱୀପ ମଉଜ-ମଜଲିସ ପାଇଁ ଜଗତ୍ ବିଖ୍ୟାତ । ତେବେ, ଯଥେଷ୍ଟ ଅର୍ଥ ନ ଥିଲେ, ସେଠାରେ ଏକ ଗ୍ଲାସ୍ ପାଣି ପିଇବା ବି ଅସମ୍ଭବ । ବିଶ୍ୱର ସବୁଠାରୁ ଦାମିକା ଭୋଜନାଳୟ ମଧ୍ୟ ସେଠାରେ ରହିଛି, ନାମ-'ସବ୍‌ଲାଇମୋସନ୍' । ଏହି ଭୋଜନାଳୟ ସେଠାକାର ପ୍ରସିଦ୍ଧ 'ହାର୍ଡ୍ ରକ୍' ହୋଟେଲ୍ ଭିତରେ ଅବସ୍ଥିତ । ସେଠାରେ ବିଶ୍ୱର ସବୁଠାରୁ ଦୁର୍ମୂଲ୍ୟ ଭୋଜନ ପରିବେଷିତ ହେଉଛି । ପ୍ରତି ଦିନ ସନ୍ଧ୍ୟାରେ ସତେଇଶ ଜଣ କର୍ମଚାରୀ ମାତ୍ର ବାରଟି ରାତ୍ରିଭୋଜନ ପରିବେଶଣ କରନ୍ତି । କୋଡିଏ ଦଫାରେ ପରିବେଷିତ ବା ଇଂରେଜୀରେ 'ଟ୍ୱେଣ୍ଟି କୋର୍ସ୍' ଭୋଜନର ମୂଲ୍ୟ ଜଣଙ୍କ ପାଇଁ ଭାରତୀୟ ମୁଦ୍ରାରେ ପ୍ରାୟ ଦେଢ଼ ଲକ୍ଷ୍ୟ ଟଙ୍କା । ଉଲ୍ଲେଖଯୋଗ୍ୟ ଯେ, ସେଠାରେ ପ୍ରତିଟି ଖାଦ୍ୟର ପରିବେଶଣ ସହ ସଙ୍ଗୀତ, ସୁଗନ୍ଧ, ଭୋଜନ କକ୍ଷର ତାପମାତ୍ରା ଓ ଆର୍ଦ୍ରତା ଆଦି ବଦଳାଯାଏ, ଯେ ପରି ପରିବେଶ ଖାଦ୍ୟ ସହ ଖାପ ଖାଇବ । ସେଠାରେ ଭୋଜନ ଏକ ଅପାର୍ଥିବ ଅନୁଭବ ବୋଲି ଖାଇବାବାଲାଏ କହନ୍ତି ।









## ସ୍ୱାସ୍ଥ୍ୟ ମନ୍ତ୍ର

ଏକାଧିକ ସ୍ୱାସ୍ଥ୍ୟ ଉପକାରୀ ଗୁଣରେ ସୋୟାବିନ୍ ସମୃଦ୍ଧ। ଭିଟାମିନ୍ ସି, କେ, ବି୬, ଲୌହସାର, କାଲସିୟମ୍, ଏଣ୍ଟିଅକ୍ସିଡାଣ୍ଟ୍ ଭଳି ଉପାଦାନ ଏଥିରେ ରହିଛି । ମାଂସ ଓ କ୍ଷୀରଜାତ ସାମଗ୍ରୀର ବିକଳ୍ପ ଭାବେ ସ୍ୱାସ୍ଥ୍ୟ ଗବେଷକମାନେ ଏହାକୁ ଗ୍ରହଣ କରିଛନ୍ତି । ଏହାର କ୍ଷୁଧା ନିବାରଣ ଗୁଣ ଅତ୍ୟଧିକ ଖାଇବା ଲୋଭକୁ କମାଇଦିଏ, ଯାହା ଦ୍ୱାରା ଶରୀରରେ ଚର୍ବି ବଢ଼େ ନାହିଁ ଏବଂ କ୍ଷତିକାରକ କୋଲେଷ୍ଟରଲ୍ ବାହାର କରିଦେବାରେ ସହାୟକ ହୁଏ । ଫଳରେ ମଧୁମେହ, ହୃଦ୍‌ରୋଗ, ଷ୍ଟ୍ରୋକ୍ ସମସ୍ୟା ହୁଏ ନାହିଁ । ନିୟମିତ ସୋୟାବିନ୍ ଖାଇବା ଦ୍ୱାରା ହଜମ ଶକ୍ତି ବଢ଼େ । ଏହା କର୍କଟ ପ୍ରତିରୋଧୀ । ପାକସ୍ଥଳୀ, ଅନ୍ତ୍ର କର୍କଟରୁ ସୋୟାବିନ୍ ସୁରକ୍ଷା ଦିଏ ।

# ପାହାଡ ଉପରେ ଗାଡି ଫାର୍ମ

ପାହାଡ ଉପରେ କିମ୍ବା ମାଟିରେ ଖାଦ୍ୟ ଶସ୍ୟ ଚାଷ କରାଯାଏ । ହେଲେ ଗାଡି ଚାଷ କଥାଟି ନିଶ୍ଚେ ଆଶ୍ଚର୍ଯ୍ୟ ଲାଗିବ । ଆମେରିକା ନେଭାଡା ସହରସ୍ଥିତ ଗୋଲ୍ଡଫିଲ ପାହାଡ ଉପରେ ଗାଡି ଚାଷ କରାଯାଏ । ୨୦୧୧ ମସିହାରେ ମାଇକେଲ ମାର୍କ ରିପ୍ସ ନାମକ ଜଣେ ବ୍ୟକ୍ତି ଏହି ଚାଷ କରିଆସୁଛନ୍ତି । ସେ ପୁରୁଣା ଗାଡିଗୁଡିକୁ ବିଭିନ୍ନ ରଙ୍ଗରେ ରଙ୍ଗାଇ ମାଟିରେ ପୋତିଥାନ୍ତି । ଏହି ନିଆରା ଚାଷ କାର୍ଯ୍ୟ ଦେଖି ମାଇକେଲଙ୍କର ବନ୍ଧୁ କ୍ୟାଡ୍ ସର୍ଗ ମଧ ତାଙ୍କ ସହିତ ଯୋଗ ଦେଇଥିଲେ । ସେହି ଚାଷ ଜମିର ନାମ 'ଦ ଇଣ୍ଟରନ୍ୟାସନାଲ କାର ଫରେଷ୍ଟ ଅଫ ଦ ଲାଷ୍ଟ ଚର୍ଚ୍ଚ' । ଏହାପରେ ଦୁଇ ବନ୍ଧୁ ମିଶି ପାହାଡ ଉପରେ ବିଭିନ୍ନ ପ୍ରକାରର ଗାଡି ଚାଷ କିରଥାନ୍ତି । ସେହି ଗାଡି ମଧରୁ କାର, ବସ୍, ଜିପ୍, ଲାମ୍ବରାଗିନି, ଟ୍ରକ୍, ଆଦି ରହିଛି । ଏବେ ତାଙ୍କ ଜମିରେ ବଡ ଓ ଛୋଟ ଗାଡି ମିଶାଇ ମୋଟ୍ ୪୦ ଟି ଗାଡି ରହିଛି । ମାଟିରେ ଅଧା ପୋତା ଥିବା ଏହି ଗାଡି ଦେଖିଲେ ଲାଗୁଛି, ଗାଡିଟି ଯେପରି ମାଟି ଫୁଟାଇ ବାହାରକୁ ବାହାରିଛି । ଏଣୁ କେତେକ ପର୍ଯ୍ୟଟକ ଏହି ଜମିକୁ 'କାର୍ ଫାର୍ମ' କହିଥାନ୍ତି ।







## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ତୃତୀୟର ସମ୍ଭାବନା...

କରୋନା ମହାମାରୀର ଲହର ପରେ ଲହର ବିଶ୍ୱବାସୀଙ୍କ କଲବଲ କରି ରଖିଛି । ଯଦିଓ ଦ୍ୱିତୀୟ ଲହର କେଉଁଠି ମଉଳିବାକୁ ଲାଗିଲାଣି, କେରଳ ସମେତ କେତେକ ରାଜ୍ୟରେ ପୁଣି କରୋନା ସଂକ୍ରମଣ ତାହାର ପ୍ରକୋପ ପଢ଼ାଇ ଚାଲିଛି । ଭେଷଜବିଜ୍ଞାନୀଙ୍କ ଭାଷାରେ- ଆର୍ ଫ୍ୟାକ୍ଟର ଅନ୍ୟ କେଉଁଠି ଊଣା ମାତ୍ରାରେ ଥିଲେ ସୁଦ୍ଧା ଦକ୍ଷିଣ ଭାରତୀୟ ରାଜ୍ୟ କେରଳରେ 'ଏକ' ଉପରେ ରହି ଆତଙ୍କ ଖେଳାଇ ଦେଇଛି । ରାଜ୍ୟ ସରକାରଙ୍କ ବକ୍ରିଦ୍‌କାଳୀନ କୋହଳ ନୀତିଠାରୁ ଆରମ୍ଭ କରି ଅନ୍ୟ କେତେକ କାରଣକୁ ଦାୟୀ କରାଯାଉଛି । କେରଳ ସରକାର କ'ଣ ପାଇଁ କଟକଣା କୋହଳ କରି ଆର୍ ଫ୍ୟାକ୍ଟରକୁ ଡାକି ଆଣିଲେ, ସେ ନେଇ ଜାତୀୟ ସ୍ତରରେ ଆରମ୍ଭ ହୋଇଯାଇଛି ଘାଣ୍ଟଚକଟ । ସ୍ଥିତିରେ ସରଜମିନ୍ ଅନୁଧ୍ୟାନ ଲାଗି ଉଚ୍ଚସ୍ତରୀୟ ପ୍ରତିନିଧି ଦଳକୁ କେନ୍ଦ୍ର କେରଳ ପଠାଇ ଧାର୍ମିକ ସମାବେଶ ସମେତ ବିଭିନ୍ନ ଭିଡ଼ ଉପରେ ପୂର୍ବବତ୍ କଡ଼ା କଟକଣା ଲଗାଇବାକୁ ପରାମର୍ଶ ଦେଇଛନ୍ତି । ଯେହେତୁ କେରଳରେ ବାମ-ଗଣତାନ୍ତ୍ରିକ ସାମ୍ମୁଖ୍ୟର ସରକାର ରହିଛି ପ୍ରସଙ୍ଗକୁ ନେଇ ସମାଲୋଚକମାନେ ରାଜନୈତିକ ରଙ୍ଗ ଲଗାଇବାକୁ ହୁଏତ ଚେଷ୍ଟିତ ହୋଇପାରନ୍ତି । ମାତ୍ର ବାସ୍ତବତା ହେଉଛି, ଯେଉଁ ଦକ୍ଷିଣ ଭାରତୀୟ ରାଜ୍ୟରୁ ହିଁ କରୋନା ଭୂତାଣୁର ପ୍ରଥମେ ଅଙ୍କୁରିତ ହୋଇଥିଲା, ପ୍ରଶାସନର ବେପରୁଆ ନୀତି ଏବେ ପୁଣି ବିସ୍ଫୋରକ ରୂପ ନେବାକୁ ଯାଉଥିବା ସମାଲୋଚକ ମହଲ କହିବାକୁ ଛାଡ଼ିନାହାଁନ୍ତି । ଦ୍ୱିତୀୟ ଲହର ସଂକ୍ରମଣରେ ହଜାର ସଂଖ୍ୟାରେ ଆକ୍ରାନ୍ତଙ୍କ ମୃତ୍ୟୁ ହେଲା । ବିଶ୍ୱସ୍ତରରେ ଅର୍ଥନୀତି ପଙ୍ଗୁ ହେଲା । ତାହାର ନଗଦ ପ୍ରତିକୂଳ ପ୍ରଭାବ ସବୁ ରାଜ୍ୟରେ ପଡ଼ିଲା । ପ୍ରଥମ ଲହର ସମୟରେ କିଭଳି ପ୍ରବାସୀମାନଙ୍କର ସୁଅ ଛୁଟିଥିଲା, ତାହା ସମସ୍ତେ ଦେଖିଛନ୍ତି । ନିର୍ମାଣ ଶିଳ୍ପ ଉପରେ କଠୋର କୁପ୍ରଭାବ ପଡ଼ିବା ଫଳରେ ହଜାର ସଂଖ୍ୟାରେ ଶ୍ରମିକ କର୍ମଚାରୀ ନିଯୁକ୍ତି ହରାଇଲେ । ଦିନମଜୁରିଆଙ୍କ ଡହଳ ବିକଳ ଅବସ୍ଥା କହିଲେ ନସରେ । ସେବେଠାରୁ ମୁଦ୍ରାସ୍ଫୀତି ଓ ଦରବୃଦ୍ଧିଜନିତ ବିଷମତାରେ ଆଦୌ ସୁଧାର ଆସିନାହିଁ । ମୋଟ୍ ଘରୋଇ ଉତ୍ପାଦ (ଜିଡିପି)ରେ ଦେଖାଯାଇଥିବା ନିମ୍ନଗତିରେ ମଧ୍ୟ ତୁରନ୍ତ ସୁଧାର ଆଶା ଦେଖିହେଉନାହିଁ । ନିକଟରେ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଯେଉଁ ଆକଳନ ପ୍ରକାଶ କରିଛନ୍ତି, ତାହାକୁ ଯଦି ପରିମାପକ ରୂପେ ଧରାଯାଏ, ତେବେ ତୃତୀୟ ଲହର ଆସୁ କି' ନଆସୁ, ସମସ୍ତ ସମଗ୍ରୀର ଦରବୃଦ୍ଧି ଅଫେରା ବିନ୍ଦୁରେ ରହିବା ଥୟ । ଦରବୃଦ୍ଧି ଅଧିକ ହେଲେ ସାଧାରଣ ନାଗରିକଙ୍କ ଜୀବନଯାପନ ପ୍ରଣାଳୀ ଅସହ୍ୟ ସ୍ଥିତିକୁ ଚାଲିଯିବ । ମୁଦ୍ରାସ୍ଫୀତି ଚଳିତ ବର୍ଷ ହିଁ ୫.୭% ରହିବ ବୋଲି ଯାହା କୁହାଯାଉଛି, ସେଥିରେ କେବଳ ଆକଳନର ପୁଟ ଦିଆଯାଇଛି । ଜିଡିପି ବିଯୁକ୍ତ ସ୍ତରରେ ଥିଲେ ସୁଦ୍ଧା ତାହା ୯.୫% ହେବ ବୋଲି କୁହାଯିବା ମଧ୍ୟ ତଦ୍ରୂପ ଆକଳନ ଆଧାରରେ କରାଯାଇଛି । ଯେହେତୁ ଦ୍ୱିତୀୟ ଲହରର ପ୍ରତିକୂଳ ପ୍ରଭାବରୁ ଅର୍ଥନୀତି ମୁକୁଳିନାହିଁ, ତେଣୁ ସମ୍ଭାବ୍ୟ ସ୍ଥିତି ନେଇ କରାଯାଉଥିବା ତଥାକଥିତ ଆକଳନ କିଭଳି ବାସ୍ତବତା ଆଧାରିତ ତାହା ବିଚାର କରାଯାଇପାରେ । ଏବେଠୁ ଯାହା କୁହାଯାଉଛି ତାହା ଗୁଡ଼ିଉଡ଼ା ସହ ସମାନ ବୋଲି ସମାଲୋଚକ ମହଲ କହିଛନ୍ତି । ସଂକ୍ରମଣ କାଳରେ ଅଣ-କୋଭିଡ ରୋଗୀଙ୍କ ସଂଖ୍ୟା ବଢ଼ିଛି । କରୋନା ଆକ୍ରାନ୍ତଙ୍କୁ ବଞ୍ଚାଯିବା ଉଦ୍ୟମ ଭିତରେ ସେମାନେ ଆଶାଜନକ ଚିକିତ୍ସା ପାଇପାରି ନଥିବାର ଅଭିଯୋଗ ହୋଇଛି । ପ୍ରତିଷେଧକ ଟିକାର ବିକାଶ ଓ ପ୍ରୟୋଗକୁ ବ୍ୟାପକ ମାତ୍ରାରେ କରାଯିବା ହେତୁ ଲୋକମାନଙ୍କ ଭିତରେ କିଛିଟା ଆଶ୍ୱସ୍ତି ସଂଚାରିତ ହୋଇଛି । ହେଲେ ତୃତୀୟ ଲହର ଯଦି ଆର୍ ଫ୍ୟାକ୍ଟର ବାଟ ଦେଇ ଚାଲି ଆସିଲା, ତେବେ ଅବସ୍ଥା ଅତି ଭୟାନକ ହୋଇଯିବ । ସଂକ୍ରମଣ ଯେତିକି ନୁହେଁ, ତାହାଠାରୁ ଅଧିକ ଘାରୁଛି ସଂକ୍ରମଣ ଭୟ । ସୁତରାଂ ସାମାଜିକ ଦୂରତ୍ୱ ରକ୍ଷା, ମାସ୍କ ପରିଧାନ ଭଳି କୋଭିଡ କଟକଣାକୁ ଅଧିକ ନିଷ୍ଠାର ସହ ଅନୁପାଳନ ଉପରେ ଜୋର୍ ଦେବା ଛଡ଼ା ଅନ୍ୟ ରାସ୍ତା ଦିଶୁନାହିଁ । ପ୍ରଥମ ଓ ଦ୍ୱିତୀୟ ଲହରକୁ ଏଭଳି କଟକଣା କିଛି ମାତ୍ରାରେ ମାତ୍ ଦେଇଥିଲା । ତୃତୀୟର ରୂପରେଖ ନେଇ ଯାହା କିଛି କୁହାଯାଉଛି, ତାହାର ଆଧାରରେ ସମସ୍ତଙ୍କୁ ସମ୍ଭାବ୍ୟ ସ୍ଥିତିରେ ମୁକାବିଲା କରିବା ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ ।

## ମାଟ୍ରିକ ପରୀକ୍ଷା ଫଳ ଓ ଛାତ୍ରଛାତ୍ରୀଙ୍କ ଅସନ୍ତୋଷ




ଅଧ୍ୟାପକ ଶରତ କୁମାର ଦାସ

ରାଜନୀତି ବିଜ୍ଞାନ ବିଭାଗ,
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
(ମୋ) ୮୨୪୯୧୩୭୦୯୧


ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ବାତିଲ ହେବା ଠାରୁ ଫଳ ପ୍ରକାଶ ଏବଂ ତା' ପରବର୍ତ୍ତୀ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଅନେକ କଳ୍ପନାଜଳ୍ପନା ଲାଗିରହିଛି । ସମୟ ଅତିବାହିତ ହେବା ସହ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଶା ଆଶଙ୍କା ବୃଦ୍ଧି ପାଇବାରେ ଲାଗିଛି । ଏବର୍ଷ ବିନା ପରୀକ୍ଷାରେ ମାଟ୍ରିକ ଫଳ ପ୍ରକାଶ କରିବା ପାଇଁ ଗ୍ରହଣ କରାଯାଇଥିବା ମାନଦଣ୍ଡକୁ ନେଇ ଚାରିଆଡେ ଚର୍ଚ୍ଚା ଜୋର୍ ଧରିଛି । କେବଳ ଛାତ୍ରଛାତ୍ରୀ ନୁହଁନ୍ତି, ଅଭିଭାବକ, ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ଅନେକ ଆଲୋଚନା ସମାଲୋଚନା ତର୍କ ବିତର୍କ ଆଦି ଦେଖିବାକୁ ମିଳୁଛି । ପରୀକ୍ଷା ଫଳକୁ ନେଇ କେତେବେଳେ ସଂପୃକ୍ତ ବିଦ୍ୟାଳୟକୁ ଘେରାଉ ତ ଆଉ କେତେବେଳେ ବୋର୍ଡ଼ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ନିରୀହ ଛାତ୍ରଛାତ୍ରୀ ମାନେ ବାଧ୍ୟ ହେଉଛନ୍ତି । ଦିନକୁ ଦିନ ପରିସ୍ଥିତି ଜଟିଳରୁ ଜଟିଳତର ହେବାରେ ଲାଗିଲାଣି । ଏପରିକି ରାସ୍ତା ରୋକ୍ ପର୍ଯ୍ୟନ୍ତ କଥା ଗଲାଣି । କିଛି ଛାତ୍ରଛାତ୍ରୀ ନିଜ ନିଜର ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ ଦୋଷ ଦେଲାବେଳେ ଆଉ କିଛି ଛାତ୍ରଛାତ୍ରୀ ସରକାରଙ୍କର ମନମାନୀକୁ ଦୋଷ ଦେବାକୁ ପଛାଉନାହାଁନ୍ତି । ଅନ୍ୟ କିଛି ବୋର୍ଡ଼ ଅଧିକାରୀଙ୍କୁ ଦାୟୀ କରୁଛନ୍ତି । ଏହାରି ଭିତରେ ଦଳିଚକଟି ହୋଇ ଅଥର୍ବ ଓ ପଙ୍ଗୁ ପାଲଟି ଯାଉଛି ସେମାନଙ୍କର ଭାଗ୍ୟ ଓ ଭବିଷ୍ୟତ ।

ଚଳିତବର୍ଷ ସରକାରଙ୍କ ଦ୍ୱାରା ଗଠିତ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟିର ସୁପାରିଶ ଅନୁଯାୟୀ ମଟ୍ରିକ ଫଳ ପ୍ରକାଶ କରିବାର ମାନଦଣ୍ଡ ପ୍ରସ୍ତୁତ କରାଗଲା ଯେଉଁଥିରେ କି ନବମ ଶ୍ରେଣୀର ଷାଣ୍ମାସିକ, ବାର୍ଷିକ ଓ ଦଶମ ଶ୍ରେଣୀର ଅଭ୍ୟାସ ପରୀକ୍ଷା ଗୁଡିକର ନମ୍ବରକୁ ମିଶାଇ ବିକଳ୍ପ ବ୍ୟବସ୍ଥା ମାଧ୍ୟମରେ ମୂଲ୍ୟାୟନ ପଦ୍ଧତି ସ୍ଥିର କରାଗଲା । ଏହି ବ୍ୟବସ୍ଥା ମାଧ୍ୟମରେ ବିନା ପରୀକ୍ଷାରେ ଫଳ ମଧ୍ୟ ପ୍ରକାଶ ପାଇଛି । ମାତ୍ର ମୂଲ୍ୟାୟନର ଏହି ବିକଳ୍ପ ବ୍ୟବସ୍ଥା ରାଜ୍ୟର ଅନେକ ଛାତ୍ରଛାତ୍ରୀଙ୍କୁ ନୈରାଶ୍ୟର ଯଉଘରକୁ ଠେଲି ଦେଇଛି ବୋଲି ଅଭିଯୋଗ ହୁଏ। ଅନେକ ମେଧାବୀ ଛାତ୍ରଛାତ୍ରୀ ମୁଣ୍ଡରେ ହାତଦେଇ ବସିଛନ୍ତି । କାହାର 'ପୁଷମାସ ତ ଆଉ କାହାର ସର୍ବନାଶ ନ୍ୟାୟ'ରେ ଅନେକ ମେଧାବୀ ଛାତ୍ରଛାତ୍ରୀ ନିଜ ନିଜର ଭବିଷ୍ୟତକୁ ନେଇ ଏବେବି ସନ୍ଦିହାନ । ଉଚ୍ଚଶିକ୍ଷାକୁ ନେଇ ସେମାନେ ଘୋର ଚିନ୍ତା ଓ ଚାପରେ ରହିବା ବାସ୍ତବିକ ଦୁର୍ଭାଗ୍ୟଜନକ । ଅବଶ୍ୟ ରାଜ୍ୟ ସରକାର ଚଳିତବର୍ଷ ମାଟ୍ରିକ ପରୀକ୍ଷା ଫଳକୁ ନେଇ ଅସନ୍ତୋଷ ପ୍ରକାଶ କରୁଥିବା ଛାତ୍ରଛାତ୍ରୀ ଚାହିଁଲେ ପୁନଶ୍ଚ ଅଫଲାଇନରେ ପରୀକ୍ଷା ଦେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇପାରେ । ପରିସଂଖ୍ୟାନରେ ଏ ବର୍ଷର ମାଟ୍ରିକ ପରୀକ୍ଷା ଫଳ ବୋର୍ଡ ଇତିହାସରେ ସର୍ବକାଳୀନ ରେକର୍ଡ । ସର୍ବୋଚ୍ଚ ଉତ୍ତୀର୍ଣ୍ଣ ହାର ୯୭.୮୯ ପ୍ରତିଶତ ଯାହାକି ପୂର୍ବ ବର୍ଷ ଠାରୁ ଯଥେଷ୍ଟ ଅଧିକ । ଏହା ନିଶ୍ଚିତ ଭାବେ ଏକ ଚମତ୍କାର ଓ ଉତ୍ସାହଜନକ । ମାତ୍ର ଏହା ପଛରେ ଥିବା ବାସ୍ତବତା ଅତୀବ ଯନ୍ତ୍ରଣାଦାୟକ । ଅନେକ ବୁଦ୍ଧିଜୀବୀ, ଶିକ୍ଷାବିତ ଓ ଅଭିଭାବକ ଏହି ଫଳାଫଳକୁ 'ଧୂଆ ମୂଳା ଅଧୁଆ ମୂଳା ସବୁ ସମାନ' କହି ଖୋଲାଖୋଲି ସମାଲୋଚନା କରିବା ଚମତ୍କାରିତାର ପ୍ରକୃତ ସତ୍ୟତାକୁ ପଦାରେ ପକାଇବା ନିଶ୍ଚିତ ଭାବେ କଷ୍ଟଦାୟକ କହିଲେ ଅତ୍ୟୁକ୍ତି ହେବନାହିଁ । ଚଳିତବର୍ଷର ମାଟ୍ରିକ ଫଳକୁ ନେଇ ଅନେକ ଆଲୋଚନା ଓ ସମାଲୋଚନା ହେବାର ଯଥାର୍ଥ କାରଣ ମଧ୍ୟ ରହିଛି। କାରଣ ସରକାର ପରୀକ୍ଷା ଫଳ ମାନଦଣ୍ଡ ନିର୍ଦ୍ଧାରଣ କରିବାର ନିଷ୍ପତ୍ତି ନେବା ପରେ ପରେ କିଛି ବିଦ୍ୟାଳୟରେ ଅନିୟମିତତା ହେବାର ଦେଖିବାକୁ ମିଳିଥିଲା । ଏପରିକି କେତେକ ବିଦ୍ୟାଳୟ ଅସାଧୁ ଉପାୟ ଅବଲମ୍ବନ ପୂର୍ବକ ଛାତ୍ରଛାତ୍ରୀଙ୍କୁ ଡାକି ରୁଦ୍ଧ ଦ୍ୱାର ପରୀକ୍ଷା କରି ନମ୍ବର ଦେବାର ସୁବନ୍ଦୋବସ୍ତ କରି ଦେଲେ, ଯାହାକୁ ନେଇ ଅତୀତରେ ଅନେକ ତୁମ୍ଫିତୋଫାନ ଦେଖିବାକୁ ମିଳିବା ସହିତ ଏହା ପଶ୍ଚାତରେ ଥିବା ଅସଲ ରହସ୍ୟ ଲୋକ ଲୋଚନକୁ ଆସିଥିଲା । ଏ ସଂକ୍ରାନ୍ତରେ ଅନେକ ଗଣମାଧ୍ୟମରେ ମଧ୍ୟ ଖୋଲାଖୋଲି ଆଲୋଚନା ସମାଲୋଚନା ଦେଖିବାକୁ ମିଳିଥିଲା । କଥାଟି ଅପ୍ରିୟ ହେଲେ ବି ନିରାଟ ସତ୍ୟ, ଯାହାର ପ୍ରମାଣ ଏବେ ପରୀକ୍ଷା ଫଳ ପ୍ରକାଶିତ ହେବା ପରେ ସାମ୍ନାକୁ ଆସିଛି । ଅନେକ ଦୁର୍ବଳ ଓ ମଧ୍ୟମ ବର୍ଗର ଛାତ୍ରଛାତ୍ରୀମାନେ ନିଜ ନିଜର ଦକ୍ଷତା ଓ ମେଧା ତୁଳନାରେ ଯଥେଷ୍ଟ ଅଧିକ ନମ୍ବର ପାଇଛନ୍ତି । ଏପରିକି ଅନେକ ଛାତ୍ରଛାତ୍ରୀ ଅଛନ୍ତି ଯେଉଁମାନେ କି ପରୀକ୍ଷା ଦେଇଥିଲେ କୃତକାର୍ଯ୍ୟ ହୋଇପାରି ନଥାନ୍ତେ, ସେମାନେ ମଧ୍ୟ ଆଶାତୀତ ସଫଳତା ହାସଲ କରିବା କେବଳ ଗରିବ ମାତ୍ର ମେଧାବୀ ଛାତ୍ରଛାତ୍ରୀଙ୍କୁ ହତୋତ୍ସାହିତ କରିନି ସାଧାରଣରେ ସମାଲୋଚନାର ଖୋରାକ ମଧ୍ୟ ଯୋଗାଇଛି । ଏ ସମସ୍ତ ବ୍ୟବସ୍ଥାକୁ ତର୍ଜମା କଲେ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଫଳକୁ ନେଇ ହୁଏତ କୋଉଠି ନା କୋଉଠି ବଡଧରଣର ତ୍ରୁଟି ବିଚ୍ୟୁତି ରହିଥିବାର ଜଣାଯାଏ । ସ୍ୱଚ୍ଛତା, ନିରପେକ୍ଷତା ଓ ସାଧୁତା କେବଳ ଅଭିଧାନର ଶବ୍ଦ ହୋଇ ରହିଯାଇଛି କହିଲେ ଭୁଲ ହେବନି। ମାଟ୍ରିକ ପରୀକ୍ଷା ଛାତ୍ରଛାତ୍ରୀଙ୍କ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଓ ଏହାର ଫଳାଫଳ ସେମାନଙ୍କ ଦକ୍ଷତାର ମାପକାଠି । ଭବିଷ୍ୟତ ଗଢିବାର ମୂଳଦୁଆ । ଏହି ପରୀକ୍ଷାର ଫଳାଫଳ ଆଧାରରେ ହିଁ ଛାତ୍ରଛାତ୍ରୀ ସେମାନଙ୍କ ଉଚ୍ଚଶିକ୍ଷା ଅଧ୍ୟୟନ ପାଇଁ ସୁନାମଧନ୍ୟ ଅନୁଷ୍ଠାନ ରେ ନାମ ଲେଖାଇବାର ସୁଯୋଗ ପ୍ରାପ୍ତ ହୋଇଥାନ୍ତି । ନିଜର ଦକ୍ଷତା ବୃଦ୍ଧି ସହିତ ସମାଜର ବିଭିନ୍ନ କ୍ଷେତ୍ରରେ ଅବସ୍ଥାପିତ ହୋଇ ଦେଶ ଓ ଜାତିର ନାଁ ରଖିଥାନ୍ତି । ମାତ୍ର ସାଂପ୍ରତିକ ପରିସ୍ଥିତିରେ ମାଟ୍ରିକ ପରୀକ୍ଷା ଫଳ ଯେ ମେଧାବୀ ଛାତ୍ରଛାତ୍ରୀଙ୍କୁ ନିରୁତ୍ସାହିତ କରିଛି ଏହା ଆମ ସମସ୍ତଙ୍କୁ ସ୍ୱୀକାର କରିବାକୁ ପଡିବ। ପରୀକ୍ଷା ଫଳକୁ ନେଇ ଲାଗି ରହିଥିବା ବାଦବିବାଦ ତଥା ଅସନ୍ତୋଷ କାରଣକୁ ପ୍ରଶମିତ କରିବା ପାଇଁ ବିଭିନ୍ନ ସଂଗଠନ ବିଭିନ୍ନ ପ୍ରସ୍ତାବ ମଧ୍ୟ ପ୍ରଦାନ କରୁଛନ୍ତି। ଓଡିଶା ଅଭିଭାବକ ମହାସଂଘ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି । ଛାତ୍ରଛାତ୍ରୀଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହା ସରକାରଙ୍କୁ ଅନେକ ବିଚାରଯୋଗ୍ୟ ସମାଧାନର ସୂତ୍ର ପ୍ରଦାନ କରିବା ନିଶ୍ଚିତ ଭାବରେ ଏକ ମହନୀୟ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବନାହିଁ । ଓଡିଶାର ଅନେକ ଖ୍ୟାତନାମା ଶିକ୍ଷାବିତ୍ ମଧ୍ୟ ଏ ଭଳି ଜଟିଳ ବିଶୃଙ୍ଖଳିତ ପରିବେଶର ଆଶୁ ସମାଧାନ ନିମନ୍ତେ ସେମାନଙ୍କର ସହଯୋଗର ହାତ ବଢାଇବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଇତିମଧ୍ୟରେ ରାଜ୍ୟ ସରକାର ମାଟ୍ରିକ ପରୀକ୍ଷା ଫଳକୁ ନେଇ ଅସନ୍ତୋଷ ଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ଅଫଲାଇନ୍‌ରେ ପୁନଶ୍ଚ ପରୀକ୍ଷା କରିବା ନିମନ୍ତେ ସ୍ଥିର କରିଛନ୍ତି, ଯାହାକି ଏହି ମାସ ୩୦ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଏ ନେଇ ମଧ୍ୟ ଅନେକ କଳ୍ପନା ଜଳ୍ପନା ଦାନା ବାନ୍ଧିଲାଣି । ସାଂପ୍ରତିକ ଦୁର୍ବଳ ମାନସିକ ସ୍ଥିତିରେ ଛାତ୍ରଛାତ୍ରୀ ଯେ ହେବାକୁ ଥିବା ପରୀକ୍ଷାରେ ଭଲ କରିବେ ତାହା ବି ସନ୍ଦେହ ଘେରରେ ରହିବା ସ୍ୱାଭାବିକ ମନେହୁଏ । ତେଣୁ ପୂର୍ବ ଓ ବର୍ତ୍ତମାନ ପରୀକ୍ଷାରେ ପ୍ରାପ୍ତ ନମ୍ବରରୁ ଯେଉଁଟି ସର୍ବାଧିକ ସେହି ଫଳକୁ ଅଗ୍ରାଧିକାର ଦିଆଯାଉ। ଯଦି ପ୍ରଦର୍ଶନ ଖରାପ ହୁଏ ତେବେ ଛାତ୍ରଛାତ୍ରୀମାନଙ୍କର ପୂର୍ବ ପରୀକ୍ଷାର ପ୍ରାପ୍ତ ନମ୍ବର କାଏମ ରହୁ। ଏହା ଦ୍ୱାରା ସବୁ ବର୍ଗର ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ।

ପୁନଶ୍ଚ ନିର୍ଦ୍ଧାରିତ ପରୀକ୍ଷାର ଫଳ ପ୍ରକାଶନକୁ ନେଇ ମଧ୍ୟ ଅନିଶ୍ଚିତତା ଦେଖାଯାଇଛି । ପରୀକ୍ଷା ଫଳ ପ୍ରକାଶରେ ବିଳମ୍ବ ହେଲେ ଛାତ୍ରଛାତ୍ରୀମାନେ ଉଚ୍ଚଶିକ୍ଷାରୁ ବଂଚିତ ହେବାର ସମ୍ଭାବନା ମଧ୍ୟ ରହିଛି । ଅପରପକ୍ଷରେ କୋଭିଡର ଭୟାବହତା ଏବେବି ଆମକୁ କଲବଲ କରୁଛି । ଏ ପରିପ୍ରେକ୍ଷୀରେ କୋମଳମତି ଛାତ୍ରଛାତ୍ରୀମାନେ ଯେ କିଭଳି ସୁରକ୍ଷାର ସହିତ ପରୀକ୍ଷା ଦେବେ ତାହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନବାଚୀ । ପରୀକ୍ଷା ସମୟରେ କୋଭିଡ ନିୟମର ଯଥାର୍ଥ ଅନୁପାଳନକୁ ନେଇ ମଧ୍ୟ ସନ୍ଦେହ ସ୍ୱତଃ ମନକୁ ଧସେଇ ପେଶ । ଆମ ସମସ୍ତଙ୍କୁ ସ୍ମରଣ ରଖିବା ଉଚିତ୍ ଯେ ଛାତ୍ରଛାତ୍ରୀଙ୍କ ଜୀବନ ସୁରକ୍ଷା ସର୍ବାପେକ୍ଷା ମୂଲ୍ୟବାନ। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ସମ୍ପର୍କରେ ମଧ୍ୟ ଚର୍ଚ୍ଚା ଜୋର୍ ଧରିଛି, ଯାହାକି ପରୀକ୍ଷା ପରିଚାଳନାର ସ୍ୱଚ୍ଛତାକୁ ନେଇ । ଛାତ୍ରଛାତ୍ରୀମାନେ ନିଜନିଜର ସ୍କୁଲ୍ କେନ୍ଦ୍ରରେ ପରୀକ୍ଷା ଦେବେ ନା ପାଖ ସ୍କୁଲ କେନ୍ଦ୍ରରେ ପରୀକ୍ଷା ଦେବେ, ତାହା ବି ଅସମାହିତ । ଯଦି ଛାତଛାତ୍ରୀମାନେ ନିଜନିଜର ସ୍କୁଲ୍ କେନ୍ଦ୍ରରେ ପରୀକ୍ଷା ଦିଅନ୍ତି ତେବେ ପରୀକ୍ଷା ପରିଚାଳନାର ସ୍ୱଚ୍ଛତା, ସାଧୁତା ଓ ନିରପେକ୍ଷତା ପ୍ରସଙ୍ଗଗୁଡିକ ଉପରେ ଥିବା ସନ୍ଦେହକୁ ଏଡାଇ ଦିଆଯାଇ ନ ପାରେ । ଯଦି ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତା ନ ରୁହେ ତେବେ ଯଥା ପୂର୍ବଂ ତଥା ପରଂ ସହ ସମାନ ହିଁ ହେବ। ପରୀକ୍ଷା ଫଳ ପ୍ରକାଶିତ ହେବା ପରେ ଯୁକ୍ତ ଦୁଇ ନାମଲେଖାଇବା ନିମନ୍ତେ ଏକ ସାଧାରଣ ପ୍ରବେଶିକା ପରୀକ୍ଷା କରାଯାଉ ଯାହାଫଳରେ ପ୍ରକୃତ ପରିଶ୍ରମୀ ତଥା ମେଧାବୀ ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରିବେ । ଏହାଦ୍ୱାରା କ୍ଷୀର କ୍ଷୀର ଓ ପାଣି ପାଣି ସହଜରେ ଅଲଗା ହୋଇଯିବେ । ପ୍ରବେଶିକା ପରୀକ୍ଷାର ଫଳ ଆଧାରକୁ ବିଚାର କରାଯାଇ ଛାତ୍ରଛାତ୍ରୀଙ୍କୁ ସ୍କଲାରସିପ୍ ପ୍ରଦାନ କରାଯାଉ । ତେଣୁ ସରକାର ଏ ସମସ୍ତ ଦିଗ ପ୍ରତି ଯଥେଷ୍ଟ ଯତ୍ନଶୀଳ ହେବା ବିଧେୟ । ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହିତ କିଛି ବି ସାଲିସ୍ ଗ୍ରହଣୀୟ ହୋଇନପାରେ । ଉପଯୁକ୍ତ ବିଚାର ବିମର୍ଶ ପୂର୍ବକ ସେମାନଙ୍କ ମଧ୍ୟରେ ଥିବା ପରୀକ୍ଷା ଫଳାଫଳକୁ ନେଇ ଯାବତୀୟ ସନ୍ଦେହ ଦୂରକରିବାର ଯଥାର୍ଥ ପଦକ୍ଷେପ ନିଆଯିବା ବାଂଛନୀୟ । ମେଧାବୀମାନଙ୍କୁ ସେମାନଙ୍କ ମେଧାର ଉଚିତ ନ୍ୟାୟ ପ୍ରଦାନ କରିବାର ସୁଚିନ୍ତିତ ଓ ସୁବ୍ୟବସ୍ଥିତ ବ୍ୟବସ୍ଥା ଗ୍ରହଣ କରାଯାଉ। ବର୍ତ୍ତମାନର ସଙ୍କଟଜନକ ପରିସ୍ଥିତିରେ ମେଧାର ଅନ୍ଧକୂପ ହତ୍ୟା ନ ହେଉ । ଏପରି ଏକ ଘଡିସନ୍ଧି ମୁହୂର୍ତ୍ତରେ ସରକାରଙ୍କ ନିକଟରେ ଏହାହିଁ ସାଧାରଣରେ ଦାବି ।

## ବୃକ୍ଷ ହିଁ ଆମ ପରମ ବନ୍ଧୁ




ଭାଗୀରଥି ସାଗର

ଡାଲଗୁମା,କୋକସରା,କଳାହାଣ୍ଡି
ମୋ -୯୩୩୭୬୨୪୮୯୯


ଅତୀତ ପରିବେଷ୍ଟନି ବେଶ ମନୋରମ, ଚିତ୍ତାକର୍ଷକ, ଆକର୍ଷଣୀୟ ତଥା ଶୁଦ୍ଧ। ପ୍ରାକୃତିକ ଦୃଶ୍ୟରାଜି ଅତୀବ ରମ୍ୟ ଥିଲା। ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ପରିବେଶ ଶାନ୍ତ, ନିର୍ମଳ ତଥା ପବିତ୍ରତରେ ଝଲସି ଉଠୁଥିଲା। ସେଇଥି ପାଇଁ ଋଷି ମୁନିମାନଙ୍କ ଆଶ୍ରମ ଘଞ୍ଚ ଜଙ୍ଗଲ ମଧ୍ୟେ ଅଧିଷ୍ଠିତ ଥିଲା। ଶୁଦ୍ଧ ଅମ୍ଳଜାନ ପ୍ରଚୁର ପରିମାଣରେ ମିଳି, ଶରୀର ଓ ମନ ପ୍ରଫୁଲ୍ଲ, ଉଲ୍ଲାସରେ ହସୁଥିଲା। ଶିଷ୍ୟମାନେ ଜଙ୍ଗଲ ମଧ୍ୟରେ ବିଚରଣ କରୁଥିଲେ। ବନ୍ୟ ଫଳ ସଂଗ୍ରହ କରି ଗୁରୁଙ୍କୁ ଭକ୍ଷିବାକୁ ଦେଇ ନିଜେ ଖାଉଥିଲେ। ବନ୍ୟ କୁସୁମ, ନିର୍ଝରଣୀ, ପଶୁ, କିସମ କିସମ ପକ୍ଷୀ ସତେ ଯେପରି ଆଶ୍ରମର ଶିଷ୍ୟମାନଙ୍କ ଅତି ଆପଣାର ବନ୍ଧୁ ଥିଲେ।ବୃକ୍ଷ ଥିଲା ସେମାନଙ୍କ ଚଳନ୍ତି ଠାକୁର। ପୁଣି ଆଦିବାସୀ ସଂସ୍କୃତି, ପରମ୍ପରା ସହ ଜଙ୍ଗଲର ଘନିଷ୍ଠ ସମ୍ପର୍କ ରହିଛି। ମଣିଷ ସୃଷ୍ଟିର ଆରମ୍ଭରେ ଜଙ୍ଗଲରେ ହିଁ ତା' ଜୀବନ କାଟି ଗୋଟିଏ ପରେ ଗୋଟିଏ ଦ୍ରବ୍ୟ ଆବିଷ୍କାର କରିବାକୁ ଲାଗିଥିଲା। ସେଇଥି ପାଇଁ ତ ପୂଜା କରୁ ଥିଲା ବୃକ୍ଷକୁ। ଯେଉଁ ଦ୍ରବ୍ୟ ପାଇବାକୁ ସେ ଇଚ୍ଛା କରୁଥିଲା ତାହା ଜଙ୍ଗଲରୁ ସେ ପାଇ ଯାଉଥିଲା, ଫଳ, ପୁଷ୍ପ, ଜଡ଼ିବୁଟି, ଲାଖ, ଝୁଣା ପାଇ ସେ ନିଜକୁ ଖୁସି ଅନୁଭବ କରି ଜଙ୍ଗଲକୁ ମାଆ ବୋଲି ପୂଜାର୍ଚ୍ଚନା କରୁ ଥିଲା। ଭୋକ ହେଲେ ହାତ ପହନ୍ତରେ ପାଉଥିଲା ତାଜା ତାଜା ଫଳ, ରୋଗ ହେଲେ ଭଳିକି ଭଳି ଜଡ଼ିବୁଟି ଆଉ ରହଣି ପାଇଁ ଗଛ କୋରଡ ନେତେତ ଗଛ ଡ଼ାଳ ତା ପାଇଁ ନିରାପଦ ଥିଲା। ଏବେ ବି ଅନେକ ଜନଜାତି ଜଙ୍ଗଲକୁ ନିଜ ଭିଟାମାଟି ଭାବେ ଆପଣାଇ ଛନ୍ତି। ସେ ମାନଙ୍କୁ ସେତେ ପ୍ରଲୋଭନ ଦେଖାଇ, ସହର ମୁହାଁ କଲେ ବି, ଜଙ୍ଗଲ ଛାଡ଼ିବାକୁ ଇଚ୍ଛା କରନ୍ତି ନାହିଁ। ଜଙ୍ଗଲ ଜାତ ଦ୍ରବ୍ୟ ଟୋଲ, ମହୁଲ, ଚାହାର, କୋଟି କୋଏଲ, ବନସୁଲା, ଶାଳ ପତ୍ର ତଥା ଭିନ୍ନ ଭିନ୍ନ ଔଷଧୀୟ ଦ୍ରବ୍ୟର ଉତ୍ସ । କଳକାରଖାନା ଚାଲିବା ଜଙ୍ଗଲର କଞ୍ଚାମାଲ ଉପରେ ନିର୍ଭର କରେ। ଜଙ୍ଗଲର ଅଧିବାସୀ ଅସ୍ୱସ୍ଥ, ପିପଳ, ବେଲ, ଅଳା ଆଦି ଗଛ ଗୁଡିକକୁ ଦେବତା ଭାବେ ପୂଜା କରୁଥିଲେ। ପଶୁ ପକ୍ଷୀଙ୍କ ଉପଯୁକ୍ତ ଆଶ୍ରୟ ସ୍ଥଳୀ ହେଉଛି ଜଙ୍ଗଲ। ବାଘ, ହରିଣ, ଠେକୁଆ, ସମ୍ବର, ହାତୀ, ହେଟାବାଘ, ମାଙ୍କଡମାନଙ୍କ ଘର ହେଉଛି ଜଙ୍ଗଲ। ସେଇଠି ଏମାନେ ଠିକ ଭାବରେ ବିଚରଣ କରନ୍ତି, ନିର୍ଭୟ ଭାବରେ ବୁଲନ୍ତି। ପକ୍ଷୀ ଯଥା କାଜଳପତି, ମୟୂର, ବାରମାସୀ ଚଢ଼େଇ ଆଦି ଜଙ୍ଗଲରେ ରହନ୍ତି। କିନ୍ତୁ ଆଜିକାଲି ଏ ପଶୁ ପକ୍ଷୀଗୁଡିକ କ୍ୱଚିତ ଦେଖା ଯାଉ ଅଛି। ଜଙ୍ଗଲ ନଷ୍ଟ କରୁ ଥିବା ଯୋଗୁଁ ଏଭଳି ଅବସ୍ଥା ଘଟିଛି।

ମଣିଷ ସଭ୍ୟ, ଶିକ୍ଷିତ ହୋଇଛି ସତ, କିନ୍ତୁ ଭୁଲି ଯାଉଛି ପ୍ରକୃତିର ଦାନକୁ, ତା ସୁଖ ସ୍ୱଚ୍ଛନ୍ଦ ପାଇଁ ଅସୀମ ଭଣ୍ଡାର ଅଛି। କିନ୍ତୁ ପ୍ରକୃତିର ସୁଷମା ଭଣ୍ଡାରକୁ ଧ୍ୱସ୍ତ, ବିଧ୍ୱସ୍ତ କରିବାରେ ସେ ଆଜି ବ୍ୟସ୍ତ। ଶ୍ୟାମଳ ପ୍ରଶସ୍ତ ଅରଣ୍ୟ ହାଣି ସେଇଠି ସ୍ଥାପନ କରୁଛି ବିଶାଳ କାରଖାନା। ଯେଉଁ ବୃକ୍ଷ ସେଠାରେ ରହି ତାକୁ ଶୁଦ୍ଧ ଅମ୍ଳଜାନ ଦେଉ ଥିଲା, ସେଇଠି ସେ କାରଖାନା ବସାଇ ଅଙ୍ଗାରକାମ୍ଳ ଭଳି ଦୂଷିତ ଗ୍ୟାସ ସୃଷ୍ଟି କରି ପରିବେଶକୁ ଦୂଷିତ କରୁଛି। ତା ବସତି ସ୍ଥାପନ କରିବା ପାଇଁ ଜଙ୍ଗଲ ନଷ୍ଟ କରି ସ୍ଥାପିତ କରୁଛି ପ୍ଲାନିଂ ସହର। ଗଛ, ପତର, ପୁଷ୍ପ ସମ୍ଭାରରେ ଭରପୁର ହେଉଥିବା ବୃକ୍ଷ ପରିବର୍ତ୍ତେ କଂକ୍ରିଟ ନଭଶ୍ଚୁମ୍ବି ଅଟ୍ଟାଳିକା ନିର୍ମାଣରେ ବ୍ୟଗ୍ର, ବ୍ୟାକୁଳିତ। ଏଇଥିପାଇଁ ପରିବେଶ କେତେ ଯେ କଳୁଷିତ ହେଉଛି, ମଣିଷ ତିଳେ ହେଲେ ଚିନ୍ତା କରୁ ନାହିଁ। ଆସବାବ ସାମଗ୍ରୀ ନିର୍ମାଣ କରିବା ପାଇଁ ଶାଳ, ପିଆଶାଳ ଭଳି ମୂଲ୍ୟବାନ ବୃକ୍ଷ ହାଣି ଜଙ୍ଗଲ ହ୍ରାସ କରି ପ୍ରକୃତିର ସୌନ୍ଦର୍ଯ୍ୟତାକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରି ଚାଲିଛି। ଯେଉଁ ଅମ୍ଳଜାନ ବୃକ୍ଷଠୁ ପାଉଥିଲା ନିଃଶୁଳ୍କ, ମୁକ୍ତ ଦେୟରେ ସେ ଆଜି କୁଣ୍ଠୁଛି ପଇସା ପକାଇ ଅମ୍ଳଜାନ। ସଡ଼କ ପଥ, ରେଲୱେ ନିର୍ମାଣ କରି ଜଙ୍ଗଲକୁ କାଟୁ ଥିବାର ଦୃଶ୍ୟ ଆଖି ସାମ୍ନାକୁ ଆସେ। ଯଦି ଅବା ଏହା ସାମୁହିକ ସ୍ୱାର୍ଥ ନିମିତ୍ତ ତଥାପି ଏହା ନଷ୍ଟ କରିବା ପରିବର୍ତ୍ତେ ତା ବିକଳ୍ପ ସମାଧାନ ବୃକ୍ଷ ରୋପଣକୁ ସମ୍ପୂର୍ଣ୍ଣ ଭାବରେ ସେ ଭୁଲି ମଧ୍ୟ ଯାଉଛି। ସତରେ ଏହାର ପରିଣାମ କେତେ ଯେ ଭୟଙ୍କର, କେତେ ଯେ ମାରାତ୍ମକ, ତାହା ସେ ହୃଦୟଙ୍ଗମ କରିବା ବିଧେୟ। ଏଠିକାର ଅଧିବାସୀଙ୍କୁ ବିସ୍ଥାପିତ କରି ଠେଲି ଦେଉଛି କଳୁଷିତ ଅମ୍ଳଜାନ ଶୂନ୍ୟ ମହାନଗରୀର କେଉଁ ଏକ ଅଜଣା ଇଲାକା ମଧ୍ୟରେ, ସେଇଠି ସେ ଅଣ ନିଃଶ୍ୱାସି ଅନୁଭବ କରେ । ଗଛ ଆମ ଉପକାରୀ ବନ୍ଧୁ, ଶାଖା ଓ ସହୋଦର। ଗଛ ପରିବେଶର ରୂପକୁ ଦ୍ୱିଗୁଣିତ କରେ। ଆଜିକାଲି ଇଟା ଗଢୁ ଥିବା ମାଫିଆମାନେ ଗଛ ଗୁଡିକକୁ କାଟି ଇଟା ପୋଡାଇ ବହୁ ଅର୍ଥ ରୋଜଗାର କରୁଛନ୍ତି। ଗଛ ଚୋରି କରି ଫର୍ଣ୍ଣିଚର ନିର୍ମାଣ କରି ବିକୁଛନ୍ତି। ଫଳରେ ମୂଲ୍ୟବାନ ଗଛଗୁଡ଼ିକ ନଷ୍ଟ ହୋଇ ଯାଉଛି। ଗଛ ବିନା ବାୟୁ ମଣ୍ଡଳରେ ଅଙ୍ଗାରକାମ୍ଳ ବଢ଼ି ଭୂପୃଷ୍ଠର ଉତ୍ତାପ ବଢୁଛି। ସୂର୍ଯ୍ୟ ରଶ୍ମି ପ୍ରଚଣ୍ଡ ଭାବରେ ପଡି ଖରା ଦିନେ ଅଂଶୁଘାତ ଦେଖା ଯାଉଛି। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)





### କଠୋର ମଣିଷ...

**ଦୁଷ୍ମନ୍ତ ବେହେରା**

ଜ୍ଞାନ ବଳେ ଦୁନିଆ ଜିଣିଲି ନିଜେ
ପ୍ରକୃତି ବଦଳେଇ ପାରେନା
ମଣିଷ ବୋଲି ଶ୍ରେଷ୍ଠ କହେ ଜଗତ
କରି ଆସୁଛି ଦୂଷିତ ଦୁନିଆ !!
ବିବେକ ଥାଇ ଅବିବେକ କାମ କରି
ନିଜ ଭବିଷ୍ୟତ ଦେଖି ଚାଲେ
ଆପଣା ଲକ୍ଷ୍ୟ ପାଇଁ ଦାଉସାଜେ ମୁଁ
ଧରଣୀ ଉପରେ ରଖି ନଜର !!
ବୁଝି ନ ପାରଇ ପ୍ରକୃତି ମୂଲ୍ୟ ମୁଁ
ହାତେ ଧ୍ୱଂସ କରେ କୁରାଢ଼ିରେ ହାଣି
ନିଜ ଗୋଡ ଦୋଷ ଦିଏ
ଏ ଡାକ୍ତର ବାବୁଙ୍କୁ !!
ମୂଳ ଚାଲ କରି ବିକି ଚାଲେ ବଡ
ଲୋକ ହେବା ନିମନ୍ତେ
ବେଳ ବୁଡିଲେ ଚେତା ପଶେ ସମୟ
ଲେଉଟେ ଠିକଣା ଶେଷେ !!
ଦଇବ ଗଢିଛି ମନୁଷ୍ୟ ମୋତେ
ଲାଳସା ଲୋଭେ ଦାଉ
ସାଜେ ସୁନ୍ଦର ପ୍ରକୃତିକୁ ଦାଗ ଲଗାଏ
ମନ ଚେହେରା ଲୋଭେ !!
ଅହଙ୍କାର ଗର୍ବ ଦେହ ମୋର ସଂସାର
ପ୍ରେମ ଜାଣିବ କେମନ୍ତ
ଗୁଣ ମୋର ଅନେକ ଚିହ୍ନ ନ ପରେ
ଚିହ୍ନି ଏ ସାରା ଜଗତ ଜନ !!
ରୂପ ଅଛି ବୋଲି ହସେ ଯଉବନ
କର୍ମ କରେ ନିଚ ମାନର
ଉପରୁ ଦେଖି ଚିହ୍ନି ହୁଏ ସିନା ଭିତର
ଘାତ ନିଷ୍ଠୁର ଦାଗ ଘୃତ !!
ଅଭିନୟରେ ବୁଡି ଖେଳେ ଚକା ଭଉଁରି
ମୁଣ୍ଡକୁ ଟୁଙ୍ଗାରି ରଙ୍ଗ
ବଦଳେଇ ଚତୁର ଠାଣିରେ ଠକି ଦିଏ
ସଂସାର ଇଲାକା ମଝେ !!
ବିକ୍ଷିପ୍ତ ଚିନ୍ତନେ ବୁଡେ ଅନ୍ଧାର
ସମୟ ଯେ ଲାଜକୁଳା
ମନ ଯାର ଠକାଭାସ୍ୟ
ସେ କି ଜାଣେ ଜଗତ ମଙ୍ଗଳ !!
ପଢିଲୁ ଅକ୍ଷର ପାଇଲୁ ଜ୍ଞାନ
ଚିନ୍ତା ଧାରା ଏଡେ ଛୋଟ
ଧ୍ୱଂସ କରୁଛୁ ଦିନେ ପାଇବୁ ଦଣ୍ଡ
ଜଗତେ ନଥିବ ପ୍ରାଣ !!


+ରାସୋଳ-ମୁଣ୍ଡିଆପଷି
ଢେଙ୍କାନାଳ
(ମୋ)-୯୯୩୭୬୫୨୫୦୪


### ହେ କଳିଙ୍ଗ ଶିଳ୍ପୀ

**ଶ୍ରୁତକୀର୍ତ୍ତି ତ୍ରିପାଠୀ**

ହେ କଳିଙ୍ଗ ଶିଳ୍ପୀ
ତୁମ ସ୍ପର୍ଶରେ ମୁଁ ପାଲଟି ଯାଇଛି
ନିର୍ଜୀବ ପଥରରୁ ଜୀବନ୍ତ ଗୋଟିଏ ମୂର୍ତ୍ତି
ଯିଏ ଦେଖେ ହୁଏ ସ୍ତମ୍ଭିତ !!
ମୋ କାରୁକାର୍ଯ୍ୟରେ ବିମୋହିତ ଧରା
ତୁମ ଯାଦୁକରୀ ହାତର
କରେ ପ୍ରଶଂସା ଅପ୍ରମିତ।

କିନ୍ତୁ କେହି କଣ ବୁଝିପାରେ
ମୂର୍ତ୍ତି ନିର୍ମାଣ ପଛର ରହସ୍ୟ
ମୋ ପ୍ରତିଟି ଭାବଭଙ୍ଗୀରେ
ଲୁକ୍କାୟିତ ନିଖୁଣତା ଯେ
ଜଣେ ଶିଳ୍ପୀର ବିରହ ବେଦନା
ପ୍ରିୟତମା ସ୍ମୃତିରେ ନିର୍ମିତ
ବାସ୍ତବତାର ପ୍ରକାଶ
ମୋ ଅଙ୍ଗ ସୌଷ୍ଠବର ସର୍ଜନା ।

ହେ ଶିଳ୍ପୀ ଶ୍ରେଷ୍ଠ
ନାହିଁ ତୁମ କାରିଗରୀର ତୁଳନା
କୋଣାର୍କର କଳା ସ୍ଥାପତ୍ୟକୁ
କଲ ଅମର
କଳିଙ୍ଗ ମାଟିରେ ଛିଡା ଏ ଭଗ୍ନାବଶେଷ
ଏବେ ବି ସାଜି ଆକର୍ଷଣ
ବିଛାଇ ଅଦୃଶ୍ୟ ମାୟାଜାଲ
କରେ ବାରମ୍ବାର ନିମନ୍ତ୍ରଣ ।


(ମୋ) ୬୩୭୦୫୧୬୪୭୮


### ଜୀବନ ଜୀବିକା

**ଈଶ୍ୱର ମଙ୍ଗରାଜ**



ଜୀବନ ଜୀବିକା ଆମର ଭେଳା,
ସହାହିଁ ତ ଚକା ଆମର ଡୋଳା ।
ବଡ଼ ଉଠିଲେ ସାନ ଡରିଲେ ,
ମଦ୍ଧ୍ୟବିତ ସିନା ବୁଡି ମରିଲେ ।

ଧନୀଙ୍କ ଘରେ ଧନ ମାନ ବହୁତ,
ଗରିବ ଚାଉଳ ଖାଉଛି ତ ଖାତ ।
କରୋନା ରୋଗ ନେତା ଓ ହାକିମ,
ଧନ ଉପାର୍ଜନ ଖୋଲିଲା କି ବାଟ,
ଭୋଟ ରାଜନୀତି ପାଖକୁ ନୋଟ ।

ଟଙ୍କିଆ ମାଗଣା ଚାଉଳ ଅଳସ,
ପାଉଁଆ ମାଛକୁ ଦେଶୀ ମଦ ହସ ।
ଭିକାରୀକୁ ଭିକନାହିଁ ଖାଦ୍ୟ କାହିଁ
ବଡ଼ଭିକାରି ନେତାଟି ମାଂସ ଖାଇ ।

ବିଦେଶୀ ମଦକୁ ଘରେ ତ ମଉଜ,
କରୋନା ବିପତୀ ଏମାନେ ନିର୍ଲଜ ।
ଭୋଟ ବାକ୍ସ ତାଙ୍କର ବସ୍ତି ବାସିନ୍ଦା,
ଦରମୂର୍ଖ ହୁଣ୍ଡାଗୁଣ୍ଡା ଛନ୍ଦା ବନ୍ଧା ।

ଆମ ପ୍ରଶାସନ ହାକିମ ଶାସନ,
ଏ ମଉକା ପାଇଟି ଦୁର୍ନୀତି ଜାଣ ।

ମିଡ଼ିଆ ବାଲାକୁ ତାଙ୍କର କି ଡର,
ବଡ କାଗଜ ଚାନେଲ ଟି ତାଙ୍କର ।

ଧନ୍ୟ ତୁମେ ବଡ ସାନ ଗାତ ସୃଷ୍ଟି,
ତୁମଘରଣୀ ଫୋନରେ ବ୍ୟବହାର,
ହ୍ୱାଟଆପ ତାଙ୍କପ୍ରେମରେ ପାଗଳ ।
ମଧ୍ୟବିତ୍ତ ଘରଣୀ କରଇ କଟାକ୍ଷ,
ସେମାନଙ୍କ ଘରେ ବାଦି ପାଲା ନାଟକ ।

ସତକୀ ମିଛଟି କହ ଭାଇ ଭଉଣୀ,
କିପରି ଚଳନ୍ତି ମଦ୍ଧ୍ୟବିତ୍ୟ ଘରଣୀ।


+ ଖୋର୍ଦ୍ଧା,
ମୋ: ୭୯୭୮୭୩୦୨୧୭




### ଶୋଷ

**ପ୍ରଭାତ କୁମାର ଆଚାର୍ଯ୍ୟ**

ଅଗାଧ ଜଳର ସ୍ୱାମୀ
ଅଥଚ ବିନ୍ଦୁଏ ଜଳ ପାଇଁ
ଶୋଷିଲା ସାଗର।

ଲକ୍ଷ ଲକ୍ଷ ତଟିନୀଙ୍କ
ମଧୁର ଜଳକୁ
ନିଜ ଆଁ ଭିତରେ ନିକ୍ଷେପି
ତଥାପି ମେଣ୍ଟୁନି ତା ଶୋଷ।

ସେଦିନ ଦେଖିଥିଲି ଶୋଷ
ଦୁର୍ଯ୍ୟୋଧନର ଅହମିକାରେ
ପାଞ୍ଚାଳୀର ମୁକ୍ତ କେଶରେ
ଆଉ ଶ୍ରୀ କୃଷ୍ଣଙ୍କର
ପାପୀ ବିନାଶରେ।

ଆଜି ବି ଦେଖୁଚି
ଶ୍ମଶାନର ଶୋଷ
ଜୁଇ ଜାଳିବାକୁ
ହେଉଛି ଉଦ୍‌ଗ୍ରୀବ
ଶୂନ୍ୟ ମଣିଷ କରିବାକୁ ଧରା
ସତେ ଅବା କରିଅଛି ପଣ।

ଶୋଷର ଜ୍ୱଳନ୍ତ ନିଆଁରେ
ଆଉଟୁ ପାଉଟୁ
ଧନୀ, ଗରିବ, ରାଜନେତା,
ମନ୍ତ୍ରୀ, ଯନ୍ତ୍ରୀ ଅଫିସର,
ସାଧାରଣ ଜନତା
ଭୋକ ସହି ହୋଇ ଯାଏ ମାତ୍ର
ଶୋଷ ତ ସୀମାର ବାହାରେ।

କ୍ଷମତାର ଶୋଷ
ମମତାର ଶୋଷ
ପ୍ରେମର ଶୋଷ
ବଡ଼ ହେବାର ଶୋଷ
ହିଂସାର ଶୋଷ
ଭୋକର ଶୋଷ
ମେଣ୍ଟିବକି ସତେ !

ପ୍ରେମ, ସଂପ୍ରୀତି, ଭଲପାଇବାର
ବଂଶୀନାଦରେ ?
ତେବେ ଚାହଁ
ଏ ସୁନ୍ଦର ବେଳାଭୂମିର
ଉଦିତ ସୂର୍ଯ୍ୟଙ୍କୁ
ଆଜି ସକାଳରେ।


+ ସିଦ୍ଧେଶ୍ୱର କଲୋନୀ,
ଜାନୁଗଞ୍ଜ,
ବାଲେଶ୍ୱର

# ଅଣ ସଂଗଠିତ ଶ୍ରମିକଙ୍କ ସମସ୍ୟାକୁ ନେଇ ବିଧାନସଭା ଘେରିଲା ଏ.ଆଇ.ୟୁ.ଡବ୍ଲୁ.ସି

ଭୁବନେଶ୍ୱର,୧୦/୮ (ନି.ପ୍ର): ୯ ଦଫା ଦାବିନେଇପ୍ରଦେଶ ଅଣ ସଂଗଠିତ ଶ୍ରମିକ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ସୋମବାର କଂଗ୍ରେସ ଭବନ ଠାରୁ ଏକ ଶୋଭାଯାତ୍ରା ବାହାରି ରାଜ୍ୟର ସମସ୍ତ ଜିଲ୍ଲା କମିଟି ନେତୃବୃନ୍ଦ ବିଧାନସଭା ଘେରାଓ ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାସହିତ ସହିତ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ନିର୍ମାଣ ଶ୍ରମିକ, କୃଷି, ମନରେଗା, ଉଠା ଦୋକାନୀ, ଘରୋଇ ଶ୍ରମିକ ଭାବେ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ୧.୬୨ କୋଟି ଅଣସଂଗଠିତ ଶ୍ରମିକ କାର୍ଯ୍ୟ କରୁଥିଲେ ମଧ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କାଁ ଭାଁ ୮୦ଲକ୍ଷ ଅଣ ସଂଗଠିତ ଶ୍ରମିକଙ୍କ ନାମ ପଞ୍ଜିକୃତକରି ଧର୍ମକୁ ଆଖିଠାର ମାରିଥିବା ପ୍ରତିବାଦରେ ରାଜ୍ୟ ଅଣସଂଗଠିତ ଶ୍ରମିକ କଂଗ୍ରେସ ମନରେଗାରେ ଚାଲିଥିବା ମାଫିଆରାଜ ବନ୍ଦ କରିବା, ସମସ୍ତ ନିର୍ମାଣ ଶ୍ରମିକ ମାନଙ୍କ ନାମ ପଞ୍ଜିକୃତ କରିବା ସହିତ ପଞ୍ଜିକୃତ ଅଣସଂଗଠିତ ଶ୍ରମିକ, ନିର୍ମାଣ ଶ୍ରମିକ, କୃଷି ଶ୍ରମିକ ଓ ମନରେଗାରେ କାର୍ଯ୍ୟକରୁଥିବା ଶ୍ରମିକଙ୍କୁ ୧୦୦ ଦିନର କାମ ଯୋଗାଇ ଦେବା ଓ ସେମାନଙ୍କୁ କୋଭିଡ ସହାୟତା ରାଶି ଯୋଗାଇ ଦେବା, ପ୍ରବାସୀ ଶ୍ରମିକ ମାନଙ୍କୁ ରାଜ୍ୟ ସରକାର ସାମାଜିକ ସୁରକ୍ଷା ଦେବା ସହିତ ସେମାନଙ୍କୁ ଦୁର୍ଘଟଣା ଓ ମୃତ୍ୟୁକାଳୀନ କ୍ଷତିପୂରଣ ଯୋଗାଇଦେବା ରାଜ୍ୟରେ ସମସ୍ତ ପଞ୍ଜିକୃତ ନିର୍ମାଣ ଓ ଅଣସଂଗଠିତ ଶ୍ରମିକମାନଙ୍କୁ କୋଭିଡ ମହାମାରୀରେ ଆର୍ଥିକ ସହାୟତା ଯୋଗାଇଦେବାକୁ କଂଗ୍ରେସ ଦାବି କରିଛି। ଏହି ଅବସରରେ ଏକ ପ୍ରତିବାଦ ସଭା ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।
ଏଥିରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପଂଚାନନ କାନୁନଗୋ,ବିଧାୟକ ସୁରେଶ କୁମାର ରାଉତରାୟ, ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳର ଅଧ୍ୟକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଶିବାନନ୍ଦ ରାୟ, ଏ.ଆଇ.ୟୁ.ଡବ୍ଲୁ.ସି ର ରାଜ୍ୟ ଉପଧ୍ୟକ୍ଷା ଜ୍ୟୋତ୍ସ୍ନା ସେନାପତି, ରାଜ୍ୟ ସଂପାଦକ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଏହି ବିକ୍ଷୋଭରେ ଉପସ୍ଥିତ ଥିଲେ।

# ଫାୟାର ସର୍ଭିସ୍‌ରେ ହୋମଗାର୍ଡମାନଙ୍କ ପାଇଁ ୧୦ ପ୍ରତିଶତ ସଂରକ୍ଷଣ

ଭୁବନେଶ୍ୱର,୧୦/୮ (ନି.ପ୍ର): ଓଡିଶା ଅଗ୍ନିଶମ ସେବା ସି ବର୍ଗ ଅଧିକାରୀ ମାନଙ୍କ ନିଯୁକ୍ତି ଓ ଚାକିରୀ ସର୍ତାବଳୀ -୨୦୨୧ ସମ୍ପର୍କିତ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ଦିଆ ଯାଇଛି। ଆଗ୍ନିକ ପଦବୀ ପାଇଁ ସିଧାସଳଖ ନିଯୁକ୍ତି ପ୍ରକ୍ରିୟାରେ ୧୦୦ ନମ୍ବର ଲିଖିତ ପରୀକ୍ଷା, ଶାରୀରିକ ମାପ ଓ ଦକ୍ଷତାର ପରୀକ୍ଷା କରାଯାଇଥାଏ। ସେହି ବର୍ଗରେ ନିଯୁକ୍ତି ନିମନ୍ତେ ଶିକ୍ଷାଗତ ଯୋଗ୍ୟ ଯୁକ୍ତ ଦୁଇ ଅବା ତଦୁର୍ଦ୍ଧ୍ୱ ହୋଇଥିବା ବେଳେ ହୋମଗାର୍ଡମାନଙ୍କ ପାଇଁ ୧୦ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିବ। ସହାୟକ ଆଗ୍ନିକ ପଦବୀକୁ ଇଚ୍ଛୁକ ଆଗ୍ନିକ ଓ ଆଗ୍ନିକ(ଡ୍ରାଇଭର)ଙ୍କ ମଧ୍ୟରୁ ଚୟନ କରାଯିବ। ସମ୍ବଲପୁରସ୍ଥିତ ଆଇଆଇଏମକୁ ତା'ର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ନିମନ୍ତେ ଆଉ ୧୮.୨୩ଏକର ଜମି ମାଗଣା ପ୍ରମିୟମରେ ଦେବା ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛନ୍ତି। ଏହାର ପ୍ରିମିୟମ ବାବଦରେ ୪.୨୧କୋଟି ଟଙ୍କା ଛାଡ଼ କରାଯାଇଛି। ପୂର୍ବରୁ ଏହି ଆଇଆଇଏମକୁ ୧୮୧ଏକର ଜମି ସରକାର ଦେଇଥିଲେ। ଏବେ ମୋଟ ୨୦୦ଏକର ଜମିରେ ଆଇଆଇଏମ୍ ନିଜର ସ୍ଥାୟୀ କ୍ୟାମ୍ପସ କରିବ। ଏହାସହିତ ଆଇଆଇଏମ୍ ଏହି ଜମି ପାଇଁ ବାର୍ଷିକ ଭଡ଼ା ଓ ସେସ୍ ବାବଦରେ ୧୦୦ଟଙ୍କା ଓ ୭୫ଟଙ୍କା ଦେବ।

# ବିଜେପିର ରାଜ୍ୟସ୍ତରୀୟ ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ସମ୍ମିଳନୀ

ଭୁବନେଶ୍ୱର,୧୦/୮ (ନି.ପ୍ର): ଶାସକ ବିଜେଡି ଦଳ ରାଜ୍ୟର ସମସ୍ତ ବ୍ଲକ କାର୍ଯ୍ୟାଳୟକୁ ଜୋରଜବରଦସ୍ତ ଭାବେ ଅକ୍ତିଆର କରି ଦୁର୍ନୀତିର ଗନ୍ତାଘର କରିଦେଇଛି। ସାଧାରଣ ଜନତାଙ୍କ ପାଇଁ ଆସୁଥିବା ବିଭିନ୍ନ ପ୍ରକାରର ଜନକଲ୍ୟାଣ ଯୋଜନାଗୁଡିକୁ ଶାସକ ଦଳର ପ୍ରତ୍ୟକ୍ଷ ପ୍ରରୋଚନାରେ ଅମଲାମାନଙ୍କ ଜରିଆରେ ବ୍ୟାପକ ହରିଲୁଟ୍ କରାଯାଉଛି। ବ୍ଲକ ଓ ପଂଚାୟତକୁ ଶାସକ ଦଳ ତାଙ୍କର ଅର୍ଥ ରୋଜଗାର କରିବାର ସଂସ୍ଥା ଭଳି ବ୍ୟବହାର କରୁଛନ୍ତି। ପଂଚାୟତ ସମିତି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷଙ୍କ କ୍ଷମତାକୁ ସଂକୁଚିତ କରାଯାଇ ତାଙ୍କ ଗୁରୁତ୍ୱକୁ ହ୍ରାସ କରାଯାଇଛି। ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ସରକାର ବିଡିଓଙ୍କୁ ଅଧିକ କ୍ଷମତାଶୀଳ କରି ବ୍ୟାପକ ଦୁର୍ନୀତିର ମାଧ୍ୟମ କରିଛନ୍ତି। ରାସନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ, ପାଇଖାନା ଆଦି ହିତାଧିକାରୀ ଚୟନ ପ୍ରକ୍ରିୟାରେ ପଂଚାୟତ ସ୍ତରର ନିର୍ବାଚିତ ଜନପ୍ରତିନିଧିମାନଙ୍କ କୌଣସି ଭୂମିକା ରହୁ ନାହିଁ। ହିତାଧିକାରୀ ତାଲିକା ଦଳୀୟ ଆଧାରରେ ସିଧାସଳଖ ଶାସକ ଦଳର ବିଧାୟକଙ୍କ ଘରେ ପ୍ରସ୍ତୁତ ହେଉଛି। ସାଧାରଣ ଗରୀବ ଏବଂ ପ୍ରକୃତ ହିତାଧିକାରୀ ସେମାନଙ୍କ ନ୍ୟାଯ୍ୟ ଅଧିକାରରୁ ବଂଚିତ ହେଉଛନ୍ତି। ସାଧାରଣ ଗରୀବ ଓ ପ୍ରକୃତ ହିତାଧିକାରୀଙ୍କୁ ତାଙ୍କ ନ୍ୟାଯ୍ୟ ହକ୍ ପ୍ରଦାନ କରିବା ପାଇଁ ବିଜେପି ତରଫରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଆଜି ଅନୁଷ୍ଠିତ ବ୍ଲକ ଅଧ୍ୟକ୍ଷ ଓ ଉପଧ୍ୟକ୍ଷ କର୍ମଶାଳାରେ ନିଷ୍ପତି ନିଆଯାଇଛି ବୋଲି ପଂଚାୟତରାଜ ସମିତିର ରାଜ୍ୟ ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି କହିଛନ୍ତି।
ଆଜିର ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ରାଜ୍ୟ ଉପସଭାପତି ଅନୀତା ଶୁଭଦର୍ଶୀନି, ରାଜ୍ୟ ସଂଯୋଜକ ଶଂକର ପରିଡ଼ା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ, ସୁଶାନ୍ତ ପ୍ରଧାନ, ବିନାୟକ ତ୍ରିପାଠୀ, ପ୍ରଶାନ୍ତ ଆଦିତ୍ୟ ଓ ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଥିଲେ।

# ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି କଡ଼ରୁ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତ୍ତି ହଟାଯାଉ : ଛାତ୍ର କଂଗ୍ରେସ

ଭୁବନେଶ୍ୱର,୧୦/୮ (ନି.ପ୍ର): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ଆହ୍ୱାନକ୍ରମେ ସୋମବାର ପ୍ରଦେଶ ଛାତ୍ର କଂଗ୍ରେସ କର୍ମକର୍ତାମାନେ ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ସଦରମହକୁମାରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତି କଡ଼ରେ ସ୍ଥାପିତ କରାଯାଇଥିବା ପୂର୍ବତନ ବିଧାୟକ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତିକୁ ହଟାଇବା ଦାବିରେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏହାସହ ଛାତ୍ର କଂଗ୍ରେସ ପକ୍ଷରୁ ଏକ ସ୍ମାରକପତ୍ର ମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଛାତ୍ର କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଅନ୍ୟତମ ବିନ୍ଧାଣି। ଅତୁଳନୀୟ ସମାଜସେବୀ ତଥା ଓଡ଼ିଶାର ଘରେ ଘରେ ପୂଜିତ ଏବଂ ପ୍ରତି ଓଡ଼ିଆର ହୃଦୟରେ ସ୍ଥାନିତ ଅସାଧାରଣ ଜନନାୟକ। ବିଷ୍ଣୁ ଦାସଙ୍କ ପ୍ରତିମୂର୍ତିକୁ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତି ପାଖରେ ରଖାଯାଇ ଗୋପବନ୍ଧୁଙ୍କ ଅସମ୍ମାନିତ କରାଯାଇଛି। ଏହା ଓଡ଼ିଆ ଜାତିର ଭାବାବେଗକୁ ଆଘାତ କରିଛି। ଛାତ୍ର କଂଗ୍ରେସ ପକ୍ଷରୁ ରଘୁନାଥପୁର ଠାରେ ବିକ୍ଷୋଭ କରାଯାଇଛି। କଂଗ୍ରେସ ପକ୍ଷରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମାତ୍ର କେହି ଏ କଥାକୁ କର୍ଣ୍ଣପାତ କରୁନାହାନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିପରି ଗୋପବନ୍ଧୁଙ୍କ ପ୍ରତି ହେଉଥିବା ଅସମ୍ମାନକୁ ସହ୍ୟ କରୁଛନ୍ତି ବୋଲି ଛାତ୍ର କଂଗ୍ରେସ ପ୍ରଶ୍ନ କରିଛି। ଛାତ୍ର କଂଗ୍ରେସ ପକ୍ଷରୁ ମନ୍ତ୍ରୀଙ୍କ ପାଖରେ ଦାବି ଉପସ୍ଥାପନା କରାଯାଇଛି ଯେ ସେ ତୁରନ୍ତ ହସ୍ତକ୍ଷେପ କରନ୍ତୁ ଏବଂ ସେଠାରୁ ବିଷ୍ଣୁ ଦାସଙ୍କ ପ୍ରତିମୂର୍ତିକୁ ସ୍ଥାନାନ୍ତର କରାଯାଉ।

# ବିଜେଡି କାର୍ଯ୍ୟାଳୟରେ ବିଶ୍ୱ ଆଦିବାସୀ ଦିବସ ପାଳିତ

ଭୁବନେଶ୍ୱର,୧୦/୮ (ନି.ପ୍ର): ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟଠାରେ ୨୭ତମ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। କୋଭିଡ୍ କଟକଣାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶିଷ୍ଟ ଆଦିବାସୀ ନେତା ତଥା ବରପୁତ୍ରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମନ୍ତ୍ରୀ ପଦ୍ମିନୀ ଦିଆନ୍, ମନ୍ତ୍ରୀ ଜଗନ୍ନାଥ ସାରକା, ବିଜୁ ଜନତା ଦଳ ସାଧାରଣ ସମ୍ପାଦକ (ମୁଖ୍ୟାଳୟ) ତଥା ରାଜ୍ୟ ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ଭୁବନେଶ୍ୱର ଜିଲ୍ଲା ସଭାପତି ତଥା ବିଧାୟକ ସୁଶାନ୍ତ ରାଉତ ପ୍ରମୁଖ ଯୋଗଦେଇ ମହାନ୍ ସଂଗ୍ରାମୀ ନେତା ଶହୀଦ ଲକ୍ଷ୍ମଣ ନାଏକ, ବିର୍ସା ମୁଣ୍ଡା, ଧରଣୀଧର ଭୂୟାଁ, ରେଣ୍ଡୋ ମାଝୀ, ତିଲ୍‌କା ମାଝୀ ପ୍ରମୁଖଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାସହ ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଆଦିବାସୀ ନେତାମାନଙ୍କ ସଂଗ୍ରାମ ଓ ବଳିଦାନକୁ ସ୍ମରଣ କରିଥିଲେ। ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ଏହି ଅବସରରେ କହିଥିଲେ, ଆଦିବାସୀମାନଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ବଜାୟ ରହୁ, ସେମାନେ ଆଗକୁ ଯାଆନ୍ତୁ ଏବଂ ସମାଜର ମୁଖ୍ୟସ୍ରୋତରେ ସାମିଲ୍ ହୁଅନ୍ତୁ। ତିନିବର୍ଷ ତଳେ ଏହି ଆନ୍ତର୍ଜାତିକ ଆଦିବାସୀ ଦିବସ ପାଳନ କରିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆମମାନଙ୍କୁ ପ୍ରେରଣା ଦେଇଥିଲେ। କୋଭିଡ୍ କଟକଣା ଯୋଗୁଁ ଆଡ଼ମ୍ବରରେ ନହେଲେ ମଧ ରାଜ୍ୟର ବିଭିନ୍ନ ସ୍ଥାନରେ ପାରମ୍ପରିକ ଭାବେ ଏହି ଦିବସ ପାଳନ କରାଯାଉଛି। ମନ୍ତ୍ରୀ ଶ୍ରୀ ସାରକା କହିଥିଲେ, ଆଦିବାସୀମାନଙ୍କର ସଭ୍ୟତା, ସଂସ୍କୃତି ଓ ପରମ୍ପରାକୁ ଆମେ ବଂଚାଇ ରଖିବା ଦରକାର। ଏହି ଉଦ୍ଦେଶ୍ୟରେ ଆଦିବାସୀ ଦିବସ ପାଳନ କରାଯାଉଛି।

# ରାଜ୍ୟ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବକ ଅଭିଯାନ କର୍ମଶାଳା ଅନୁଷ୍ଠିତ

ଭୁବନେଶ୍ୱର,୧୦/୮ (ନି.ପ୍ର): ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନକ୍ରମେ ଭାରତୀୟ ଜନତା ପାର୍ଟୀର ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା କୋଭିଡ୍ ୩ୟ ଲହରର ମୁକାବିଲା ପାଇଁ ବିଜେପି କାର୍ଯ୍ୟକର୍ତାଙ୍କୁ ନିର୍ଦ୍ଦେଶ ଦେବା ସହ ରାଷ୍ଟ୍ରୀୟ ସ୍ତରଠାରୁ ଗ୍ରାମସ୍ତର ପର୍ଯ୍ୟନ୍ତ ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତିର କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଗତ ଜୁଲାଇ ମାସ ୨୮ରେ ଶ୍ରୀ ନଡ୍ଡା ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବକ ଅଭିଯାନର ଶୁଭାରମ୍ଭ କରିଥିଲେ ଏବଂ ଏହି କାର୍ଯ୍ୟକ୍ରମରେ ୩୩ ଟି ରାଜ୍ୟର ୧୨୧ ଜଣ ପ୍ରତିନିଧି ଯୋଗ ଦେଇଥିଲେ। ପ୍ରତ୍ୟେକ ଗ୍ରାମରେ ୨ ଜଣ ତଥା ଦେଶର ପ୍ରାୟ ୨ଲକ୍ଷ ଗ୍ରାମରେ ୪ ଲକ୍ଷ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବକ (ହେଲ୍‌ଥ ଭଲେଂଟିଅର)ଙ୍କୁ ପ୍ରଶିକ୍ଷଣ ଦିଆଯାଇ ସାମ୍ଭାବ୍ୟ କୋଭିଡ୍ ୩ ଲହରର ସଂକ୍ରମଣକୁ ମୁକାବିଲା ପାଇଁ ପ୍ରସ୍ତୁତ ରହିବେ। ଏହି ସଂକଟ ସମୟରେ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବକମାନେ ଦେଶର ସମସ୍ତ ଗ୍ରାମାଂଚଳ ଓ ସହରାଂଚଳରେ ସମାଜସେବା କରିବା ସହିତ ଲୋକମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାରେ ସହାୟକ ହେବେ। ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବକମାନେ ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନକୁ ସହଯୋଗ ଓ ସହାୟତା କରି କୋଭିଡ୍ ସଂକ୍ରମଣର ଭୟାଭୟତା ସଂପର୍କରେ ସଚେତନ ସୃଷ୍ଟି କରିବା ସହ କୋଭିଡ୍ ଗାଇଡଲାଇନକୁ ସଂପୂର୍ଣ୍ଣ ରୂପେ ପାଳନ କରିବା ପାଇଁ ସଚେତନତା ସୃଷ୍ଟି କରିବେ ବୋଲି ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସେଚ୍ଛାସେବୀ ଅଭିଯାନର ରାଷ୍ଟ୍ରୀୟ ସଂଯୋଜକ ତଥା ହିମାଚଳ ପ୍ରଦେଶର ପୂର୍ବତନ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ.ରାଜୀବ ବିନ୍ଦଲ କହିଛନ୍ତି। କୋଭିଡ୍ ସଂକ୍ରମଣର ସାମ୍ଭାବ୍ୟ ୩ୟ ଲହରକୁ ସଫଳ ସହ ମୁକାବିଲା ପାଇଁ ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବକ ଅଭିଯାନ ଆଧାରରେ ଓଡିଶା ପ୍ରଦେଶରେ ମଧ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବକ (ହେଲ୍‌ଥ ଭଲେଂଟିଅର)ଙ୍କୁ ପ୍ରଶିକ୍ଷଣ ଦିଆଯାଇ ପ୍ରସ୍ତୁତ ରଖାଯିବ। ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ସ୍ୱୟଂସେବକ ଅଭିଯାନର ରାଜ୍ୟ ସଂଯୋଜକ ତଥା ବିଧାୟକ ତଥା ରାଜ୍ୟ ଉପସଭାପତି ଶ୍ରୀ ନାଉରୀ ନାଏକଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହେଉଛି। ଚଳିତ ମାସ ସୁଦ୍ଧା ରାଜ୍ୟର ବିଭିନ୍ନ ସ୍ଥାନରେ ୫୧,୦୦୦ରୁ ଉର୍ଦ୍ଧ୍ୱ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବକଙ୍କୁ ପ୍ରଶିକ୍ଷଣ ଦିଆଯାଇ ପ୍ରସ୍ତୁତ ରଖାଯିବ ବୋଲି ଡ.ରାଜୀବ ବିନ୍ଦଲ ସୁଚନା ଦେଇ କହିଛନ୍ତି। ଏହି ଅବସରରେ ବିଧାୟକ ନାଉରୀ ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ।

# କ୍ରାନ୍ତି ଦିବସରେ ଓଡ଼ିଶାରେ ଭାରତ ଛାଡ଼ ଆନ୍ଦୋଳନ ଓ ତାର ପ୍ରଭାବ ଶୀର୍ଷକ ଆଲୋଚନା ଚକ୍ର

ଭୁବନେଶ୍ୱର,୧୦/୮ (ନି.ପ୍ର): ଅଗଷ୍ଟ ୯ କ୍ରାନ୍ତିଦିବସ ଉପଲକ୍ଷେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ରାଜ୍ୟ ଅଭିଲେଖାଗାରଠାରେ ଓଡ଼ିଶରେ ଭାରତ ଛାଡ଼ ଆନ୍ଦୋଳନ ଓ ତା'ର ପ୍ରଭାବ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। 'ଆଜାଦ୍ ଭାରତ କି ଅମୃତ ମହୋତ୍ସବ' ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗୀୟ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ ସ୍ୱାଧୀନ ଭାରତରେ ନାଗରିକମାନେ ସମାଜ ପ୍ରତି ରହିଥିବା କର୍ତବ୍ୟ ପାଳନ କରିବା ଦିଗରେ ଆଗଭର ହେବା ଆବଶ୍ୟକ ବୋଲି କହିଥିଲେ। ସଂସ୍କୃତି ନିର୍ଦ୍ଦେଶକ ରଂଜନ କୁମାର ଦାସ ପୌରୋହିତ୍ୟ କରି ଏହି ଆଲୋଚନାରେ ଓଡ଼ିଶା ଭାରତ ଛାଡ଼ ଆନ୍ଦୋଳନରେ ଯେଉଁ ଭୂମିକା ନେଇଥିଲା ତାହା ଜାତୀୟ ସ୍ତରରେ ଯଥାଯଥ ଭାବେ ଆଲୋଚିତ ହୋଇପାରି ନଥିଲା ବୋଲି ତାଙ୍କ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚକ ବିଶିଷ୍ଟ ଐତିହାସିକ ଡ. କୈଳାସ ଚନ୍ଦ୍ର ଦାସ ଅଗଷ୍ଟ କ୍ରାନ୍ତିର ପୃଷ୍ଠଭୂମି ଓ ତତ୍‌କାଳୀନ ଜନମାନସରେ ତା'ର ପ୍ରଭାବ ସଂପର୍କରେ ସବିଶେଷ ବିବରଣୀ ଅବତାରଣ କରି ଓଡ଼ିଶାର ନେତୃବର୍ଗ ତାକୁ କି ଧରଣର ଆନ୍ଦୋଳନରେ ପରିଣତ କରିଥିଲେ ତାହା ବର୍ଣ୍ଣନା କରିଥିଲେ। ବମ୍ବେର ଗ୍ୱାଲିଆ ପୋଖରୀ ବା ଅଗଷ୍ଟ କ୍ରାନ୍ତି ମଇଦାନ ରେ ଭାରତୀୟ କଂଗ୍ରେସ ନେଇଥିବା ନିଷ୍ପତି ଓ ଗାନ୍ଧୀଙ୍କ କର ବା ମର ଡାକରାରେ ହିଂସା ଓ ଅହିଂସାର ପରିସୀମା ନିର୍ଦ୍ଧାରଣ କରାଯାଇ ନଥିବା ଉଲ୍ଲେଖ କରି ସେହି ଅଗଷ୍ଟ କ୍ରାନ୍ତିର ଭାରତ ଛାଡ଼ ଡାକରାରେ ଓଡ଼ିଶାର ଭଦ୍ରକର ଇରମ୍, ମାଲକାନଗିରିର ମାଥିଲି, ନବରଙ୍ଗପୁରର ପାପଡ଼ାହାଣ୍ଡି, ପୁରୀର ନିମାପଡ଼ା, ବାଲେଶ୍ୱରର ଡୁଡ଼ିଗଡ଼ିଆ ଆଦି ସ୍ଥାନ ରେ ବହୁସଂଖ୍ୟକ ଆନ୍ଦୋଳନକାରୀ ପ୍ରାଣବଳୀ ଦେଇଥିଲେ ବୋଲି ସେ ତାଙ୍କ ଆଲୋଚନାରେ ସୂଚିତ କରିଥିଲେ। ଓଡ଼ିଶାର ନେତୃମଣ୍ଡଳୀଙ୍କ ମଧ୍ୟରେ ଅଗଷ୍ଟ କ୍ରାନ୍ତିରେ ସୁରେନ୍ଦ୍ରନାଥ ଦ୍ୱିବେଦୀ ଓ ମାଳତୀ ଚୌଧୁରୀଙ୍କ ବିଶେଷ ଭୂମିକା ଥିଲା। କଟକର ଅଲିସା ବଜାରର ନନ୍ଦ କିଶୋର ସାହୁଙ୍କ ଘରେ ଆତ୍ମଗୋପନ କରି ସେ ରାଜ୍ୟ ବ୍ୟାପୀ ସଂଗ୍ରାମୀମାନଙ୍କ ମଧ୍ୟରେ ଆନ୍ଦୋଳନର ବାର୍ତା ଥାଇ ପ୍ରଚାରପତ୍ର ଓ ଲିଫ୍‌ଲେଟ୍ ଆଦି ବାଂଟିବା କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ ବୋଲି କହିଥିଲେ। ତେବେ ଓଡ଼ିଶାରେ ହୋଇଥିବା ଅଗଷ୍ଟ କ୍ରାନ୍ତିର ପ୍ରକୃତ ମୂଲ୍ୟାଙ୍କନ କରାଯାଇନାହିଁ ବୋଲି ସେ ଉଲ୍ଲେଖ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତାଙ୍କୁ ଶାସନ ସଚିବ ଶ୍ରୀ ଦଳାଇ ବୃକ୍ଷଚାରା, ସ୍ମୃତିଫଳକ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

# ପୂରଣ ହେବ ଖାଲିଥିବା ଜିଲ୍ଲା ଶ୍ରମ ଅଧିକାରୀ ପଦବୀ

ଭୁବନେଶ୍ୱର,୧୦/୮ (ନି.ପ୍ର): ଖାଲି ପଡିଥିବା ଜିଲ୍ଲା ଶ୍ରମ ଅଧିକାରୀ (ଡିଏଲଓ) ପଦବୀ ଗୁଡିକ ପଦୋନ୍ନତି ଦ୍ୱାରା ପୂରଣ କରାଯାଇଯାଇପାରିବ। ଓଡିଶା ଶ୍ରମ ସେବା (ନିଯୁକ୍ତି ପଦ୍ଧତି ଓ ସେବା ସର୍ତାବଳୀ) ନିୟମାବଳୀ ୨୦୧୯ ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ମଂଜୁର କରିଛି। ଏହି ନିୟମାବଳୀ ଲାଗୁ ହେବା ପୂର୍ବରୁ ନିୟମିତ ଭାବେ ଯୋଗ ଦେଇଥିବା ସହକାରୀ ଶ୍ରମ ଅଧିକାରୀ ମାନେ ଏହା ଦ୍ୱାରା ଉପକୃତ ହେବ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଖର୍ଚ୍ଚ ହେବ ୩୩୧ କୋଟି

ଭୁବନେଶ୍ୱର,୧୦/୮ (ନି.ପ୍ର): ଅବଢା ଯୋଜନା ମାଧ୍ୟମରେ ଐତିହ୍ୟ ସହର ପୁରୀ ଠାରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ଲାଗି ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ କ୍ୟାବିନେଟ୍ ଟାଟା ପ୍ରୋଜେକ୍ଟ ଲିମିଟେଡ୍ ର ୩୩୧ କୋଟି ୨୮ ଲକ୍ଷ ୧୮ ହଜାର ୮୬୫ କୋଟି ଟଙ୍କାର ଟେଣ୍ଡରକୁ ଅନୁମୋଦନ କରିଛନ୍ତି। ଏହି କାର୍ଯ୍ୟ ୧୮ ମାସ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି।

# ଷ୍ଟାଫ ସିଲେକସନ କମିଶନ ଦୁର୍ନୀତି ପ୍ରସଙ୍ଗରେ ଛାତ୍ର କଂଗ୍ରେସ ପକ୍ଷରୁ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବକ୍ଷୋଭ

ଭୁବନେଶ୍ୱର,୧୦/୮ (ନି.ପ୍ର): ଆଜି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଶ୍ରୀ ୟାସିର ନୱାଜଙ୍କ ଆହ୍ୱାନକ୍ରମେ କଟକ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ଷ୍ଟାଫସିଲେକସନ ଦୁର୍ନୀତି ପ୍ରସଙ୍ଗରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କଟକ ଜିଲ୍ଲା ଛାତ୍ର କଂଗ୍ରେସର ପ୍ରଭାରୀ ଶ୍ରୀ ରଞ୍ଜିତ ସେନାପତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ ଷ୍ଟାଫସିଲେକସନ କମିସନ ମହା ଦୁର୍ନୀତି ଓଡ଼ିଶାର ଛାତ୍ରସମାଜକୁ ହତାସ କରିଛି। ଦୀର୍ଘ ୨୧ ବର୍ଷର ଶାସନରେ ନବୀନ ସରକାର ୯୦ ପ୍ରତିଶତ ସରକାରୀ ଚାକିରୀକୁ ବିକ୍ରି କରିଦେଇଛନ୍ତି। ନବୀନ ଶାସନରେ ପାଠପଢ଼ି ଚାକିରୀ ପାଇବା ସମ୍ଭବପର ନୁହେଁ। ପରୀକ୍ଷା ଆଗରୁ ଚାକିରୀ ସବୁ ନିଲାମ ହୋଇଯାଏ। ଷ୍ଟାଫସିଲେକସନ କମିସନର କିରାଣୀ ବିଂରଚି ସାହୁ ସମଗ୍ର ବିଶାଳ ଦୁର୍ନୀତିର ବିନ୍ଦୁ ମାତ୍ର। ଚାକିରୀ ବିକ୍ରି ତୃତୀୟ ମହଲାରୁ ପରିଚାଳିତ ହୁଏ। ଭିଜିଲାନ୍ସ ତଦନ୍ତ ବିଂରଚି ସାହୁ ପାଖରେ ସୀମିତ ରହିଯିବ। ଏଣୁ ଛାତ୍ର କଂଗ୍ରେସ ହାଇକୋର୍ଟ ତତ୍ତ୍ୱାବଧାନରେ ତଦନ୍ତ ପାଇଁ ଦାବି କରୁଛି।

# ନୂତନ ମେଗା ଲିଫ୍ଟ ଜଳ ସେଚନ ପ୍ରକଳ୍ପ ସ୍ଥାପନ ପରିପ୍ରେକ୍ଷୀରେ ରାଜୀବ ଭବନ ସମ୍ମିଳନୀ କକ୍ଷରେ ବୈଠକ

ଭୁବନେଶ୍ୱର,୧୦/୮ (ନି.ପ୍ର): ବୀର ମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୪ ଗୋଟି ନୂତନ ମେଗା ଲିଫ୍ଟ ଜଳ ସେଚନ ପ୍ରକଳ୍ପ ସ୍ଥାପନ ପରିପ୍ରେକ୍ଷୀରେ ଆସିଥିବା ପ୍ରସ୍ତାବର ଅନୁଧାନ ଓ ସ୍ଥିତି ଯାଂଚ ସଂପର୍କରେ ଏକ ବୈଠକ ଆଜି ପୂର୍ବାହ୍ଣରେ ସ୍ଥାନୀୟ ରାଜୀବ ଭବନ ସମ୍ମିଳନୀ କକ୍ଷରେ ରାଜ୍ୟ ଯୋଜନା, ସଂଯୋଜନ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ପଦ୍ମନାଭ ବେହେରା ଏବଂ ରାଜ୍ୟ ଜଳସଂପଦ, ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଯାଇଛି। ବୀର ମହାରାଜପୁର ନିର୍ବାଚନ ମଣ୍ଡଳୀର ମହାନଦୀ ଉତ୍ସରୁ ୨ଟି , ହରିହରଯୋର ଉତ୍ସ ଏବଂ ସରୁବାଲିଯୋର ଉତ୍ସରୁ ୧ଟି ଲେଖାଏଁ ନୂତନ ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ସ୍ଥାପନ କରାଯିବା ନେଇ ମନ୍ତ୍ରୀ ଶ୍ରୀ ବେହେରା ଦେଇଥିବା ପ୍ରସ୍ତାବ ଉପରେ ବିଶଦ୍ ଆଲୋଚନା କରାଯାଇଥିଲା। ବୈଠକରେ ଜଳ ସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଇଂ ଧୀରେନ କୁମାର ସାମଲଙ୍କ ସମେତ ବିଭାଗୀୟ ଅନ୍ୟ ବରିଷ୍ଠ ପଦାଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ବୀରମହାରାଜପୁର ବ୍ଲକର ସଂଗ୍ରାମପୁର, କମିରା, ପିତାମହୁଲ ଗ୍ରାମ ପଂଚାୟତ ନିକଟସ୍ଥ ପିତାମହୁଲଠାରେ ମହାନଦୀ ଉତ୍ସରୁ ଏବଂ ଏହି ବ୍ଲକର କେନ୍‌ଝରିଆପାଲି, ମୁର୍ସୁଣ୍ଡି, ଲୁଟୁରପଙ୍କ ଆଦି ଗ୍ରାମ ପଂଚାୟତ ଅନ୍ତର୍ଗତ ହରିହରଯୋର ଉତ୍ସରୁ ୨-୩ଟି ମେଗାଲିଫ୍ଟ ପ୍ରକଳ୍ପ କରାଯିବା ପାଇଁ ରହିଥିବା ପ୍ରସ୍ତାବ ଉପରେ ସ୍ଥିତି ଅନୁଧାନ ପାଇଁ ନିଷ୍ପତି ନିଆଯାଇଛି।

# ବାଗଚୀ କ୍ୟାନ୍ସର ହସ୍ପିଟାଲ ଜମି ପାଇଁ ୨.୯୧ କୋଟି ଟଙ୍କାର ଷ୍ଟାମ୍ପ ଡ୍ୟୁଟି ଛାଡ୍

ଭୁବନେଶ୍ୱର, ୦୯ ଅଗଷ୍ଟ - ଖୋର୍ଦ୍ଧା ଜିଲ୍ଲା ଜଟଣୀ ତହସିଲ ଅନ୍ତର୍ଗତ ଚଣ୍ଡୀହତା (ଇନେଫାସିଟି -୨) ଠାରେ ବାଗଚି ଶ୍ରୀ ଶଙ୍କର କର୍କଟ କେନ୍ଦ୍ର ଓ ଗବେଷଣା ପ୍ରତିଷ୍ଠାନ ଓ ବାଗଚି କରୁଣାଶ୍ରୟ ପାଲିଆଟିଭ୍ କେୟାର ସେଂଟର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ବାର୍ଷିକ ଗ୍ରାଉଣ୍ଡ ରେଂଟ ଓ ସେସ୍ ବାବଦକୁ ୧ ଟଙ୍କା ହିସାବରେ ୪୦ ଏକର ସରକାରୀ ଜମି ଯୋଗାଇବାକୁ ନିଷ୍ପତି ନେଇଛନ୍ତି।
ଏଥିସହ ଉଭୟ ପ୍ରତିଷ୍ଠାନ ନାମରେ ଲିଜ୍ ଦଲିଲ ସମ୍ପାଦନ ପାଇଁ ଆବଶ୍ୟକୀୟ ଷ୍ଟାମ୍ପ ଦେୟ ଓ ନିବନ୍ଧନ ଫି ବାବଦକୁ ୨ କୋଟି ୯୧ ଲକ୍ଷ ୧୧ ହଜାର ଟଙ୍କା ଛାଡ୍ କରିବାକୁ ରାଜ୍ୟ ସରକାର ନିଷ୍ପତି ନେଇଛନ୍ତି।ଏହାକୁ ରାଜ୍ୟ କ୍ୟାବିନେଟ୍ ମଂଜୁର କରିଛି।

# ଶ୍ରମିକଙ୍କ ପାଇଁ ଆଦାୟ ହୋଇଥିବା ସେସ୍ ଟଙ୍କାର ହିସାବ ଦିଅନ୍ତୁ ସରକାର : କଂଗ୍ରେସ

ଭୁବନେଶ୍ୱର,୧୦/୮ (ନି.ପ୍ର): ଭାରତ ବର୍ଷରେ ଅଣସଂଗଠିତ ଶ୍ରମିକମାନଙ୍କର ଶ୍ରମ ଶକ୍ତିର ଯଦି ହିସାବ କରାଯାଏ ତାହା ୯୩ ପ୍ରତିଶତ ହେବ। ଦେଶର ଅଭିବୃଦ୍ଧି କ୍ଷେତ୍ରରେ (ଜି.ଡି.ପି) କୁ ଏହି ଅଣସଂଗଠିତ କ୍ଷେତ୍ରର ଅବଦାନ ଶତକଡ଼ା ୫୦ ଭାଗ। କିନ୍ତୁ ଏହି ବର୍ଗର ଶ୍ରମିକମାନଙ୍କୁ ସର୍ବନିମ୍ନ ମଜୁରି ମିଳେନାହିଁ। ଶ୍ରମ ସ୍ଥଳରେ ଶ୍ରମଦାନ ପାଇଁ ଅନୁକୂଳ ପରିବେଶ ନଥାଏ, ଦୁର୍ଘଟଣାଗ୍ରସ୍ତ ହେଲେ ଏମାନେ ଘରେ ବସି ରହନ୍ତି - ଏମାନଙ୍କୁ ମଜୁରୀ ମିଳେ ନାହିଁ, ଶ୍ରମିକ ସଂଘ ବିଷୟରେ ଏମାନଙ୍କର ଧାରଣା ନଥାଏ। ସରକାରୀ ନିର୍ଦ୍ଧାରିତ ୮ ଘଂଟାରୁ ଏମାନେ ଅଧିକ ସମୟ କାର୍ଯ୍ୟ କରିଥାନ୍ତି। କୌଣସି ରୋଗରେ ପୀଡ଼ିତ ହେଲେ ଏମାନଙ୍କ ପ୍ରତି କାହାରି ଦରଦ ନଥାଏ। ଏହା ସହିତ ଶ୍ରମ ପାଇଁ ଏମାନେ ମୁଲଚାଲ କରିପାରନ୍ତି ନାହିଁ ବୋଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ତଥା ରାଜ୍ୟ ସେବାଦଳ ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର କହିଛନ୍ତି ଉପାସରକାର ୨୦୦୮ ମସିହାରେ ଅନଅର୍ଗାନାଇଜଡ୍ ୱାର୍କରସ୍ ସୋସିଆଲ ସିକ୍ୟୁରିଟି ଆକ୍ଟ ନାମରେ ଏକ ଆଇନ ପ୍ରଣୟନ କରିଥିଲେ। ଏହି ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଶା ସରକାରଙ୍କୁ ତିନିବର୍ଷ ଲାଗିଗଲା। ଫଳତଃ ରାଜ୍ୟ ସରକାର ଏହି ବର୍ଗର ଶ୍ରମିକମାନଙ୍କୁ ଜୋତା, ଛତା ଓ ସାଇକେଲ ଦେଇ ଭୋଟ ବ୍ୟାଙ୍କ କରିବାରେ ଲାଗିପଡ଼ିଛନ୍ତି। ଗତ କରୋନା ସମୟରେ ଭାରତବର୍ଷରେ ଏହି ବର୍ଗର ଶ୍ରମିକମାନେ ବିଶେଷ ଭାବେର ଦରିଦ୍ରତା ଭିତରକୁ ଠେଲି ହୋଇଯାଇଛନ୍ତି। ସେଥିପାଇଁ କଂଗ୍ରେସ ଦଳ ପ୍ରତ୍ୟେକ ଶ୍ରମିକ ପରିବାରକୁ ୬୫୦୦ଟଙ୍କା ଦେବାପାଇଁ ଦାବି କରିଥିଲା। କିନ୍ତୁ ରାଜ୍ୟ ସରକାର ୧୫୦୦ ଟଙ୍କା ଦେଇ ବାହାବା ନେବାପାଇଁ ଚେଷ୍ଟା କରିଛନ୍ତି।କିନ୍ତୁ ରାଜ୍ୟ ସରକାର ଯେଉଁ ୧୫୦୦ ଟଙ୍କା ଦେଉଛନ୍ତି ତାହା ତାଙ୍କ ନିଜସ୍ୱ ପାଣ୍ଠିରୁ ନୁହେଁ। ଏହି ଟଙ୍କା ସେସ୍‌ରେ ସଂଗୃହୀତ ଅର୍ଥ। ଗତ ୧୦ ବର୍ଷରେ ରାଜ୍ୟ ସରକାର ଏହି ସେସ ଟଙ୍କାକୁ ସାଇକେଲ କିଣା ଓ ଅନ୍ୟାନ୍ୟ ସାମଗ୍ରୀ କିଣାରେ ବ୍ୟୟ କରିଛନ୍ତି। ଯାହାର ହିସାବ ରାଜ୍ୟ ସରକାର ଶ୍ୱେତପତ୍ର ଆକାରରେ ରାଜ୍ୟବାସୀଙ୍କୁ ଜଣାଇବାକୁ କଂଗ୍ରେସ ଦଳ ଦାବି କରିଛି। ଡ. ଜ୍ଞାନେନ୍ଦ୍ର ଆହୁରି କହିଛନ୍ତି ରାଜ୍ୟରେ ତଥା କେନ୍ଦ୍ରରେ ଯେଉଁ ସର୍ବନିମ୍ନ ମଜୁରୀ ବ୍ୟବସ୍ଥା କରାଯାଇଛି ଏହାର ଏକ ସମୀକରଣ ହେବାର ଆବଶ୍ୟକତା ରହିଛି। ରେଳବାଇରେ ଗୋଡି ବାଡଉଥିବା ଶ୍ରମିକଟିଏ ଯେଉଁ ପାରିଶ୍ରମିକ ପାଉଛି, ରାଜ୍ୟରେ ସେହି କାର୍ଯ୍ୟକୁ କରୁଥିବା ଶ୍ରମିକଟିଏ ତାହା ପାଉନାହିଁ। ସେହିଭଳି ମନରେଗାରେ ଯେଉଁ କାର୍ଯ୍ୟ କରୁଛି ତାହାର ମୂଲ୍ୟ ମଧ ଅଲଗା। ତେଣୁ କଂଗ୍ରେସ ଦଳ ଏକ ସର୍ବନିମ୍ନ ମଜୁରୀର ଧାର୍ଯ୍ୟ କରିବାପାଇଁ ସରକାରଙ୍କ ଠାରେ ଦୃଢ଼ ଦାବି କରିବା ସହିତ ଗତ ୧୦ ବର୍ଷରେ ସେସ୍ ଟଙ୍କା ଖର୍ଚ୍ଚର ଏ.ଜି ଅଡିଟ୍ କରିବାପାଇଁ ଦୃଢ଼ ଦାବି କରୁଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅଣସଂଗଠିତ ଶ୍ରମିକ କଂଗ୍ରେସର ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତି, ମୁଖପାତ୍ର ମନୋରଞ୍ଜନ ଦାଶ, ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

## ବୃକ୍ଷ ହିଁ ଆମ ପରମ ବନ୍ଧୁ

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ବର୍ଷାର ପରିମାଣ କମି ଯାଉଛି। ଗଛ ପ୍ରଦୂଷଣଠାରୁ ମୁକ୍ତ ରଖେ । ଅଧିକରୁ ଅଧିକ ଗଛ ଲଗାଇବା ହେଉଛି ପ୍ରଦୂଷଣ ଠାରୁ ମୁକ୍ତ ରଖିବା । ଗଛ ବାୟୁ ପ୍ରଦୂଷଣରୁ ମୁକ୍ତ କରେ ସତକିନ୍ତୁ ଆଉ ମଧ ଏହା ଧ୍ୱନି ପ୍ରଦୂଷଣ ଏବଂ ଜଳ ପ୍ରଦୂଷଣ ଠାରୁ ମଧ ମୁକ୍ତ ରଖେ।

ସଂପ୍ରତି ପ୍ରାକୃତିକ ସନ୍ତୁଳନର ଘୋର ଅଭାବ ପରିଲକ୍ଷିତ ହେଉଛି। ବୃକ୍ଷ କାଟିବା ଦ୍ୱାରା ଜଙ୍ଗଲି ହାତୀ ଆମର କ୍ଷେତ ଏବଂ ଘରକୁ ପଶି ଆସି ତାଣ୍ଡବ ରଚନା କରୁଛନ୍ତି। କାହିଁକି ନା ତା ଆଶ୍ରୟସ୍ଥଳୀକୁ ଆମେ ହି ନଷ୍ଟ କରି ଦେଉଛୁ। ଯଦି କେହି ଆମ ଘରକୁ ନଷ୍ଟ କରି ଦିଅନ୍ତି ତ ଆମେ ବେସାହାରା ହୋଇଯିବା । ରହିବା ପାଇଁ ଏ ପଟ ସେ ପଟ ହୋଇ ବାର ଦୁଆର ବୁଲିବାକୁ ଆମକୁ ପଡିବ। ସେଇଭଳି ପଶୁ ପକ୍ଷୀଙ୍କ ଘରକୁ ନଷ୍ଟ କରିବା ହେତୁ ପଶୁ ପକ୍ଷୀ ଆଶ୍ରୟ ନ ପାଇ ଜଣ ବସତି ମୁହାଁ ହେଉଛନ୍ତି। ଏଣୁ ଅରଣ୍ୟର ସୁରକ୍ଷା କରିବାକୁ ପଡ଼ିବ। ଯଦି ବୃକ୍ଷ ରହିବ ନାହିଁ ତୋ ଆମେ ବଞ୍ଚି ପରିବା ନାହିଁ। ଗୋଟିଏ ବୃକ୍ଷ ଜୀବନ କାଳ ମଧରେ ୧୫.୭୦ ଲକ୍ଷ ଟଙ୍କାର ଉପକାର କରେ। ବୃକ୍ଷ ୬୦ କିମ୍ବା ୭୦ ଆୟୁଷ କାଳ ମଧରେ ପାଞ୍ଚ ଲକ୍ଷ ଟଙ୍କାର ଅମ୍ଳଜାନ ଭୂପୃଷ୍ଠକୁ ଦାନ କରେ, ଔଷଧୀୟ, ଫଳ, ପୁଷ୍ପ, ଗଣ୍ଡି, ଛାଇ ବାବଦରେ ଅନ୍ୟାନ୍ୟ ଲକ୍ଷ ଲକ୍ଷ ଟଙ୍କାର ଉପକାର କରେ।

ଆଜିକାଲି କେତେକାଂଶ ଲୋକ ବୃକ୍ଷ ରୋପଣ ସମ୍ପର୍କରେ ହୃଦୟଙ୍ଗମ କଲେଣି। ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ବୃକ୍ଷରୋପଣ କରିବାରେ ଆଗେଇ ଆସି ଲୋକଙ୍କୁ ସଚେତନ କରାଉଛନ୍ତି। ଲୋକେ ନିଜ ବାଡି ବଗିଚାରେ ବିଭିନ୍ନ ଫୁଲ ଫଳ ଗଛ ଲଗାଇବାକୁ ପସନ୍ଦ କରୁଛନ୍ତି। ବୃକ୍ଷ ରୋପଣ ସମ୍ପର୍କରେ ସମସ୍ତେ ଅବଗତ ହେବା ଉଚିତ। ଏହି ମହତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗ ଦାନ କରି ସରକାରଙ୍କୁ ପୂର୍ଣ୍ଣ ମାତ୍ରାରେ ସାହାଯ୍ୟ କରିବା ସମସ୍ତଙ୍କ କର୍ତ୍ତବ୍ୟ। ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଲେଖାଏଁ ବୃକ୍ଷ ରୋପଣ କଲେ ଆମେ ପୁଣି ଥରେ ପ୍ରକୃତିର ହଜି ଯାଇଥିବା ମନୋହର ସୁଷମାକୁ ଫେରି ପାଇବା। କାରଣ ବୃକ୍ଷ ରୋପଣ ହେଉଛି ପରମ ପୁଣ୍ୟ କର୍ମ।

## ନୀଳଗିରି ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରିଣୀ ଓ ସାଂଗଠନିକ ବୈଠକ

ନୀଳଗିରି,୧୦/୦୮ (ନି.ପ୍ର): ନୀଳଗିରି ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରିଣୀ ଓ ସାଂଗଠନିକ ବୈଠକ ଆଜି ନୀଳଗିରି ବ୍ଲକର ମିତ୍ରପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ନୀଳଗିରି ବ୍ଲକର ବିଜୁ ଯୁବ ଜନତା ଦଳ ପକ୍ଷରୁ ବ୍ଲକ ଯୁବ ସଭାପତି ଧିରେନ୍ଦ୍ର ଲେଙ୍କାଙ୍କ ସଭାପତିତ୍ୱରେ ଓ ଜିଲ୍ଲା ଯୁବ ବିଜେଡି ସଭାପତି ତାପସ କୁମାର ପରିଡ଼ାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକାରିଣୀ ଓ ସାଂଗଠନିକ ବୈଠକ ଅନୁଷ୍ଠିତ ଥିବା ବେଳେ ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ସୁବାସିନୀ ଜେନା, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସଂପାଦକ ତାପସ ପାଣିଗ୍ରାହୀ, ବିଜୁ ଜନତା ଦଳର ରାଜ୍ୟ ଯୁଗ୍ମ ସଂପାଦକ ଗତିକୃଷ୍ଣ ନନ୍ଦ, ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆ, ବିଜୁ ଯୁବ ଜନତା ଦଳର ବାଲେଶ୍ୱର ପର୍ଯ୍ୟବେକ୍ଷକ ରାକେଶ ନାୟକ, ଜିଲ୍ଲା ପରିଷଦ ସଭ୍ୟ ଶୁଭେନ୍ଦୁ ଜେନା, ଜାନକୀ ସିଂ, ଅବିନାଶ ନାୟକ, ବିଜୟ ପ୍ରଧାନ, ପ୍ରତୀକ୍ଷା ସିଂ, ଅପର୍ଣ୍ଣା ପ୍ରଧାନ, ଆଲ୍ଲାଉଦ୍ଦିନ ନାୟକ ପ୍ରମୁଖ ଉପସ୍ଥିତ ରହି ଆଗାମୀ ଦିନରେ ବିଜୁ ଜନତା ଦଳକୁ ଘରେ ଘରେ ପରିଚିତ କରିବା ସହ ଦଳକୁ ସୁଦୃଢ଼ କରିବା ପାଇଁ ଯୁବକମାନଙ୍କୁ ଆହ୍ୱାନ ଦେଇଥିଲେ । ଯୁବ ଗୋଷ୍ଠି ହିଁ ବିଜୁ ଜନତା ଦଳର ଆଗାମୀ ଦିନର ପଥପ୍ରଦର୍ଶକ ଭାବେ କାର୍ଯ୍ୟ କରିବ ବୋଲି ମଞ୍ଚାସୀନ ଅତିଥିମାନେ ଦିଗ୍‌ଦର୍ଶନ ଦେଇଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୨୩ ରୁ ଏକକ ପିଜି ....

ପବ୍ଲିକ୍ ହେଲଥ୍, ୩୧ ତାରିଖରେ ବଟାନି , ଏଜୁକେସନ୍, କେମେଷ୍ଟ୍ରି ଏବଂ ଲାଇବ୍ରେରୀ ଓ ଇନଫରମେସନ୍ ସାଇନ୍ସ ପରୀକ୍ଷା ରହିଛି। ଏହା ବ୍ୟତୀତ ସେପ୍ଟେମ୍ବର ୧ ତାରିଖରେ ସାନ୍ତାଳୀ/ସଂସ୍କୃତ /ଉର୍ଦ୍ଦୁ , ମାଟେରିଆଲ ସାଇନ୍ସ, ଗଣିତ , ଲିଙ୍ଗ୍ୟୁଷ୍ଟିକ୍ସ ଏବଂ ସାମ୍ବାଦିକତା , ୨ ତାରିଖରେ ୱାଇଲ୍ଡ ଲାଇଫ୍ ଆଣ୍ଡ ବାୟୋଡାଇଭରସିଟି କନଜରଭେସନ୍, ବାୟୋଇନଫରମେଟିକ୍ସ, ବାୟୋଟେକ୍ନୋଲୋଜି, ଯୋଗ ଓ ନେଚେରୋପାଥି, ପଲିଟିକାଲ ସାଇନ୍ସ ଏବଂ ଏମଏସଡବ୍ଲୁ ରହିଛି। ୩ ତାରିଖରେ ଓମେନ ଷ୍ଟଡିଜ୍, ଇଲେକ୍ଟ୍ରୋନିକ୍ ସାଇନ୍ସ, ସାଇକୋଲୋଜି ଓ ମେରାଇନ୍ ସାଇନ୍ସ ବିଷୟରେ ପରୀକ୍ଷା ହେବ। ଛାତ୍ରଛାତ୍ରୀମାନେ ସାମସ୍ ୱେବସାଇଟ୍ ରୁ ପରୀକ୍ଷା ସମ୍ବନ୍ଧରେ ସବିଶେଷ ତଥ୍ୟ ପାଇପାରିବେ।

### ଜଳବାୟୁ ପରିବର୍ତ୍ତନକୁ ନେଇ....

ଶେଷ ସୁଦ୍ଧା ଯଦି ଏହି ଧାରା ଅବ୍ୟାହତ ରହେ, ତାହାହେଲେ ଉପକୂଳବର୍ତ୍ତୀ ସହରଗୁଡିକ ୩ ଫୁଟ ପାଣି ତଳେ ରହିବ । ପ୍ରମୁଖ ସହରଗୁଡିକ ମଧରେ ମୁମ୍ବାଇ ୧.୯୦ ଫୁଟ ପାଣି ତଳେ ରହିବ । ସେହିଭଳି ମାଙ୍ଗାଲୋର ୧ ଦଶମିକ ୮୭ ଫୁଟ ତଳକୁ ଚାଲିଯିବ । କୋଚିନ ୨.୩୨ ଫୁଟକୁ ଚାଲିଯିବ । ପାରାଦ୍ୱୀପ ୧.୯୩ ଫୁଟ ତଳକୁ ଚାଲିଯିବା ରିପୋର୍ଟରେ କୁହାଯାଇଛି । ତାଲିକାରେ କାଣ୍ଡଲା,ବିଶାଖାପାଟନମ ଓ ଚେନ୍ନାଇ ବି ରହିଛି । ଆଇପିସିର ରିପୋର୍ଟ ଦର୍ଶାଇଛି ଯେ, ଏସିଆର ସମୁଦ୍ର ପତନ ହାରାହାରି ବିଶ୍ୱ ହାର ତୁଳନାରେ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ସମୁଦ୍ର ପତନରେ ଅତ୍ୟଧିକ ପରିବର୍ତନ ପୂର୍ବରୁ ଶହେ ବର୍ଷରେ ଥରେ ଦେଖାଦେଇଥିଲା । ଆଉ ୨୦୫୦ ସୁଦ୍ଧା ପ୍ରତି ୬ରୁ ୯ ବର୍ଷରେ ଥରେ ହୋଇପାରେ ।

### ଠିକ୍ ସମୟରେ ହେବ....

ଆଲୋଚନା କରିଛନ୍ତି । ରାଜ୍ୟବାସୀ କେନ୍ଦ୍ର ଦେଉଥିବା କେଉଁ ସୁବିଧାରୁ ବଞ୍ଚିତ ହେଉଛନ୍ତି ତାକୁ ନେଇ ମନ୍ଥନ ଆରମ୍ଭ କରିଛି ଦଳ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବିଜେପି ସାଂସଦ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଭେଟି ଆୟୁଷ୍ମାନ ଭାରତ ଯୋଜନାରେ ଓଡିଶାକୁ ସାମିଲ କରିବାକୁ ଚାପ ପକାଇଇବାକୁ ଅନୁରୋଧ କରିଛନ୍ତି । ସରକାରୀ ଦଳର ମହିଳା କାର୍ଡକୁ ପ୍ରତିହତ କରିବା ପାଇଁ ମଧ ଉଦ୍ୟମ ଆରମ୍ଭ କରିଛି ବିଜେପି । ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ଚୂଡାନ୍ତ ହୋଇପାରିନଥିବାରୁ ୨୦୧୮ରେ ହେବାକୁ ଥିବା ପୌର ନିର୍ବାଚନ ଏପର୍ଯ୍ୟନ୍ତ ହୋଇପାରିନାହିଁ । କିନ୍ତୁ ଏହାରି ଭିତରେ ନିର୍ଦ୍ଦିଷ୍ଟ ସମୟ ଅର୍ଥାତ୍ ଆସନ୍ତା ଫେବ୍ରୁଆରୀ କିମ୍ବା ମାର୍ଚ୍ଚରେ ପଞ୍ଚାୟତ ନିର୍ବାଚନ କରିବାକୁ ଜୋରସର ଉଦ୍ୟମ ଆରମ୍ଭ କରିଛନ୍ତି ସରକାର ।

## ପରଲୋକରେ ଜମିଦାର ରାୟବାହାଦୁର ବିଶ୍ୱନାଥ ପରିଡାଙ୍କ ଶେଷ ଦାୟାଦ



ଜଳେଶ୍ୱର ୧୦/୮(ନିପ୍ର): ଆଜି ଜଳେଶ୍ୱର ଥାନା ଅନ୍ତର୍ଗତ ଜମାଲପୁର(ଚଉଘନୀ)ର ଜମିଦାରୀ ପ୍ରଥାର ଶେଷ ଦାୟାଦ ଥିବା ଶ୍ରୀହରୀ ଚରଣ ପରିଡା (୯୬) ବର୍ଷ ବୟସରେ ଇହଲିଳା ସମ୍ବରଣ କରିଛନ୍ତି । ସେ ଜମିଦାର ରାୟବାହାଦୁର ବିଶ୍ୱନାଥ ପରିଡାଙ୍କ ଶେଷ ଦାୟାଦ ବା ଜମିଦାର ଥିଲେ । ସେ ୧୯୪୭ରୁ ୫୧ ପର୍ଯ୍ୟନ୍ତ ସ୍ୱାଧୀନତା ପୂର୍ବରୁ ସରପଂଚଭାବେ ମଧ୍ୟ ରହିଥିଲେ । ବିଶ୍ୱନଦାଥ ପରିଡାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ହାଇସ୍କୁଲ, ଡାକ୍ତରଖାନା, ମନ୍ଦିର ଓ ଦୀନକୃଷ୍ଣ କଲେଜର ପରିଚାଳନା କମିଟିର ସଦସ୍ୟ ରହିଥିଲେ । ସେ ବିଜୁପଟ୍ଟନାୟକଙ୍କ ଅନୁଗାମୀ ଥିଲେ । ଫଳରେ ସେ ଅଂଚଳର ବିକାଶକାର୍ଯ୍ୟରେ ନିଜକୁ ସାମିଲ କରିପାରିଥିଲେ । ତାଙ୍କ ମୃତ୍ୟୁ ଶର୍ଯ୍ୟା ନିକଟରେ ୩ୟ ପୁତ୍ର, ପରିବାରବର୍ଗ ଉପସ୍ଥିତ ଥିବା ବେଳେ ହାଇସ୍କୁଲ ସମ୍ମୁଖରେ ଥିବା ଜମିଦାରପରିବାର ଶ୍ମାଶାନରେ ଶେଷକୃତ୍ୟ ଅନୁଷ୍ଠିତ ହୋଇଥିଲା । ବଡପୁଅ ଅସୀତ୍ ପରିଡା ମୁଖାଗ୍ନି ଦେଇଥିଲେ ।

## ରୋଜଗାର ହରାଇଥିବା କୃଷକ ଶ୍ରମିକ ଓ କଳାକାରଙ୍କୁ ସ୍ୱତନ୍ତ୍ର ସହାୟତା ଦାବିରେ ବିକ୍ଷୋଭ



ବାରିପଦା,୧୦/୦୮ (ନି.ପ୍ର): କରୋନାର ପ୍ରଥମ ଲହରରୁ ଦ୍ୱିତୀୟ ଲହର ପର୍ଯ୍ୟନ୍ତ ସମୟକାଳ ମଧରେ ସଟଡ଼ାଉନ ଓ ଲକଡାଉନ ଯୋଗୁ ସମସ୍ତ ବର୍ଗର କଳାକାର, ସେଲୁନ, ସ୍ପା, ବିୟୁଟିପାର୍ଲର ଓ ଜିମ୍ ବ୍ୟବସାୟରେ ବ୍ୟାପକ କ୍ଷତି ହୋଇଛି । ବହୁ ଲୋକ ରୋଜଗାର ହରାଇ ଥିବା ବେଳେ, ପିଲା ମାନଙ୍କ ପାଠ ପଢା, ଖାଇବା, ପିନ୍ଧିବା ମଧ ଚିନ୍ତାଜନକ ସ୍ଥିତିରେ ପହଂଚିଛି । ଏହି ପରିପ୍ରେକ୍ଷୀରେ କଳାକାର ଓ ଅନ୍ୟାନ୍ୟ ସମସ୍ତ ବର୍ଗଙ୍କୁ ବିଗତ ୬ ମାସର ୫ ହଜାର ଲେଖାଏଁ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦେବା, ନବନିର୍ମାଣ କୃଷକ ସଂଗଠନର ଚାଷୀ ମାନଙ୍କ ସୁରକ୍ଷା ଭତ୍ତା ପାଇଁ ମାସିକ ଦୁଇ ହଜାର ହିସାବରେ ପ୍ରଦାନ କରାଯିବା, ଯେଉଁମାନେ ଚଳିତବର୍ଷ ଋଣ ନେଇଛନ୍ତି, ସେମାନଙ୍କୁ ଋଣ ଶୁଝିବା ପାଇଁ ୨ ବର୍ଷ ପର୍ଯ୍ୟନ୍ତ ସମୟ ଦିଆଯିବା, କରୋନା କାଳରେ ପାର୍ଲର, ଜିମ୍ ଓ ଅନ୍ୟମାନେ ବ୍ୟବସାୟ ପାଇଁ ନେଇଥିବା ଘରଭଡ଼ା ଖର୍ଚ୍ଚ ସରକାର ବହନ କରିବା, ଯାତ୍ରା ଚାଲୁ କରିବା ପାଇଁ ନାଇଟ କର୍ଫ୍ୟୁ ତୁରନ୍ତ ପ୍ରତ୍ୟାହାର କରାଯିବା, କଳାକାର ଭତ୍ତା ୧ ୨୦୦ ଟଙ୍କାରୁ ୩ ହଜାରକୁ ବୃଦ୍ଧି କରାଯିବା ଆଦି ଦାବୀ ନେଇ ନବ ନିର୍ମାଣ କୃଷକ ସଂଗଠନ, ଯାତ୍ରା କଳାକାର ସଂଘ ଏବଂ ସେଲୁନ, ବିୟୁଟିପାର୍ଲର, ସ୍ପା ସଂଘ ମିଳିତ ଆନୁକୁଲ୍ୟରେ ଆଜି ମଧୁବନ ପଡିଆ ରୁ ଶତାଧିକ ସଦଶ୍ୟ ଏକ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଦାବୀପତ୍ର ପ୍ରଦାନ କରିଥିବାର ଜଣା ଯାଇଛି । ୧୫ ଦିନ ମଧରେ ସରକାର ଯଦି ଏହି ଦାବୀ ଗୁଡିକ ପୁରଣ ନକରନ୍ତି ତେବେ ଆନ୍ଦୋଳନ ତୀବ୍ରତର ହେବ ବୋଲି ସନ୍ତୋଷ କୁମାର ବେହେରା, ପ୍ରାଣବନ୍ଧୁ ପଲେଇ, ରଶ୍ମିରଞ୍ଜନ ବାରିକ ପ୍ରମୁଖ କହିଛନ୍ତି ।

## 'ଆମ ବାଲେଶ୍ୱର' ପକ୍ଷରୁ ବୃକ୍ଷରୋପଣ ଓ ଫଳଚାରା ବଣ୍ଟନ



ବାଲେଶ୍ୱର,୧୦/୦୮ (ନି.ପ୍ର): କ୍ରାନ୍ତିଦିବସ ଅବସରରେ 'ଆମ ବାଲେଶ୍ୱର' ସଂଗଠନ ପକ୍ଷରୁ ଉତ୍କଳ ବାଳାଶ୍ରମ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଅଧକ୍ଷ ରବୀନ୍ଦ୍ର ଜେନା, ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ସମାଜସେବୀ ସୁବାସିନୀ ଜେନା ଓ ସଂଗଠନର ସାଧାରଣ ସମ୍ପାଦକ ଆଇନଜୀବୀ ଭୁବନାନନ୍ଦ ଦାସଙ୍କ ସମେତ ସଂଗଠନର କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ପରେ ସଂଗଠନ ପକ୍ଷରୁ ସହଦେବଖୁଣ୍ଟା ବ୍ୟାସକବି ନଗର ଅଞ୍ଚଳରେ ଶତାଧିକ ପରିବାରକୁ ପିଜୁଳିଗଛର ଚାରା ବଣ୍ଟନ କରାଯାଇଥିଲା। ଚଳିତ କରୋନା ମହାମାରୀ ସମୟରେ ଅମ୍ଳଯାନର ଅଭାବ ଓ ଖାଦ୍ୟସାରର ଅଭାବକୁ ଦୃଷ୍ଟିରେ ରଖି ଏହି ଫଳଗଛର ଚାରା ବଣ୍ଟନ ଏକ ପ୍ରୟାସ ବୋଲି ସଂଗଠନର ଅଧକ୍ଷ ଶ୍ରୀ ଜେନା କହିଥିଲେ। ବାଲେଶ୍ୱର ସହରର ୩୧ଟି ୱାର୍ଡ଼ ସମେତ ଜିଲ୍ଲାର ସମସ୍ତ ଅଞ୍ଚଳରେ ଏହି କାର୍ଯ୍ୟକ୍ରମ ପର୍ଯ୍ୟାୟକ୍ରମ ଜାରି ରହିବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସ ଘୋଷଣା କରିଥିଲେ। ବାଲେଶ୍ୱର ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ଦିଗରେ ଉକ୍ତ ସଂଗଠନ ଏକ ଅଣରାଜନୈତିକ ସାମାଜିକ ସଂଗଠନଭାବେ ଜନଗଣଙ୍କ ସହଯୋଗରେ କାର୍ଯ୍ୟ କରିବ ବୋଲି ସଂଗଠନର ଉପାଧକ୍ଷ ରୋଟାରିୟାନ ସୁବ୍ରତ କର ଓ ଆଇନପରାମର୍ଶଦାତା ନିରଞ୍ଜନ ପରିଡ଼ା ପ୍ରମୁଖ ପ୍ରକାଶ କରିଥିଲେ। ବ୍ୟାସକବି ନଗର ବିକାଶ ପରିଷଦ ଓ ଯୁବସଂଗଠନ ରୟାଲ ବ୍ଲକ ତରଫରୁ ନେତୃବୃନ୍ଦ ଫଳଗଛ ଚାରା ବଣ୍ଟନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆମ ବାଲେଶ୍ୱର ସଂଗଠନର ଏହି ମହତ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି ।

## ମନ୍ଦିରକୁ ଆସି ଯୁବତୀ ନିଖୋଜ, ଥାନାରେ ଅଭିଯୋଗ

ବାଲିଆପାଳ,୧୦/୦୮ (ନି.ପ୍ର): ବାଲିଆପାଳ ଥାନା ଅନ୍ତର୍ଗତ ମାଧପାଢୀ ଶାସନ ଗ୍ରାମର ଜନୈକା ୧୮ ବର୍ଷୀୟା ଯୁବତୀ ସୋମବାର ମନ୍ଦିରକୁ ଆସି କୁଆଡ ନିଖୋଜ ହୋଇଯାଇଥିବା ନେଇ ଯୁବତୀ ଜଢଙ୍କ ବାପା ବାଲିଆପାଳଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ଅଭିଯୋଗ ମୃତାବକ ମାଧପାଢି ଶାସନ ଗ୍ରାମର ବାଚୁ ନାୟକ ଙ୍କ ଝିଅ ପ୍ରଭାତୀ (ଉଭୟ ଛଦ୍ମନାମ) ପ୍ରତି ସୋମାବାର ସ୍ଥାନୀୟ ଖଗଡେଶ୍ୱର ଶିବ ମନ୍ଦିରକୁ ଦର୍ଶନ ପାଇଁ ଆସିଥାନ୍ତି । ଗତକାଲି ପ୍ରଭାତୀ ମନ୍ଦିରକୁ ବାହାରିଆସି ଆଉ ଘରକୁ ଫେରିନଥିଲେ ।ତାଙ୍କର ମୋବାଇଲ ଫୋନ ମଧ ସୁଇଚ ଅଫ ରହିଛି ।ପରିବାର ଲୋକେ ବହୁ ଖୋଜା ଖୋଜି ପରେ ମଧ ଝିଅର କୌଣସି ସନ୍ଧାନ ନପାଇବାରୁ ବାଧ୍ୟଯ ହୋଇ ଝିଅର ବାପା ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ତାଙ୍କ ଝିଅକୁ ଖୋଜି ବାହାର କରିବା ପାଇଁ ନିବେଦନ କରିଛନ୍ତି ।

## ବାପୁଜୀ ସରକାରୀ ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ

ଭଦ୍ରକ,୧୦/୦୮ (ନି.ପ୍ର): ରାଜ୍ୟର ସମସ୍ତ ବିଦ୍ୟାଳୟରେ ସରକାର ପ୍ରଣୟନ କରିଛନ୍ତି 'ମୋ ବିଦ୍ୟାଳୟ କାର୍ଯ୍ୟକ୍ରମ' । ବିଦ୍ୟାଳୟର ଉନ୍ନତି ପାଇଁ ଏହି କାର୍ଯ୍ୟକ୍ରମ ଉଦ୍ଦିଷ୍ଟ ହୋଇଥିବାବେଳେ, ଅନୁଷ୍ଠାନର ପ୍ରାକ୍ତନ ଛାତ୍ର ଓ ଅନୁପାତିକ ରିତୀରେ ସରକାର ପ୍ରଦାନ କରୁଥିବା ଅର୍ଥରାଶୀ ଦ୍ୱାରା ଭିତ୍ତିଭୂମୀ ବିକାଶ ପାଇଁ ସୁଯୋଗ ସୃଷ୍ଟି ହୋଇଥାଏ। ଏହି କ୍ରମରେ ଭଦ୍ରକ ବ୍ଲକ ଗେଲପୁର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ' ମୋ ବିଦ୍ୟାଳୟ କାର୍ଯ୍ୟକ୍ରମ'ର ଏକ ବୈଠକ ଆଲୁମିନି କମିଟିର ସଭାପତି ସ୍ନେହାଶିଶ୍ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମୋ ବିଦ୍ୟାଳୟ ବୈଠକରେ 'ମୋ ବିଦ୍ୟାଳୟ' କାର୍ଯ୍ୟକ୍ରମ ଦ୍ୱାରା ସରକାରଙ୍କ ଠାରୁ ମିଳିଥିବା ମ୍ୟାଚିଂ ଅନୁଦାନର ସତ୍ ଉପଯୋଗ କରାଯାଇ ଉକ୍ତ ଅର୍ଥରେ କେତେକ ବୈଦ୍ୟୁତିକ ଉପକରଣ କ୍ରୟ କରାଯାଇ ସ୍କୁଲକୁ ପ୍ରଦାନ କରାଯାଇଥିଲା। ଏଥି ମଧରେ ରହିଛି ପିଲାଙ୍କ ପଢ଼ିବା ତଥା ବୌଦ୍ଧିକ ବିକାଶ ପାଇଁ ଉପଯୋଗୀ ଦୁଇଟି ପ୍ରୋଜେକ୍ଟର, କାର୍ଯ୍ୟାଳୟ କମ୍ପ୍ୟୁଟର, ପ୍ରିଣ୍ଟର, ଇନଭରଟର, ଫ୍ୟାନ୍ ଅର୍ନ୍ତଭୁକ୍ତ। ଗୋଟିଏ ପ୍ରୋଜେକ୍ଟର କମ୍ପ୍ୟୁଟର ଲ୍ୟାବରେ ରହିବ ଓ ଅନ୍ୟଟି ଅଷ୍ଟମ ଶ୍ରେଣୀ ଗୃହରେ ସ୍ଥାପନ ହେବ। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ସୁବ୍ରତ ରାଉତ୍ ଉଦ୍‌ଘାଟନ କରି ସରକାରଙ୍କ ଏହି କାର୍ଯ୍ୟକ୍ରମ ଐତିହାସିକ ଓ ଏହା ଦ୍ୱାରା ବିଦ୍ୟାଳୟମାନଙ୍କର ଭିତ୍ତିଭୂମୀରେ ବ୍ୟାପକ ବିକାଶ ହେଉଥିବା କହିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପନ କୁମାର ନାୟକ ଉତ୍ସବର ସଂଯୋଜନା କରିଥିବାବେଳେ, ଅନ୍ୟମାନଙ୍କ ମଧରେ ଏବିଇଓ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ଆଲୁମିନି କମିଟିର ପ୍ରଦୀପ କୁମାର ନାୟକ, ସଂଜିତ କୁମାର ନାୟକ, ପ୍ରାକ୍ତନ ଛାତ୍ର ତଥା ପରିଚାଳନା କମିଟିର ସଦସ୍ୟ ରାଜେଶ ଦାସଙ୍କ ସହିତ ବହୁ ସଦସ୍ୟ, ସଦସ୍ୟା ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ବ୍ୟାପକ କରାଯିବ ବୋଲି ସୂଚନା ଦେଇଥିଲେ।

## ପୁରଣାବଜାରରେ ଇସଲାମିକ୍ ନବବର୍ଷ ସମାରୋହ



ଭଦ୍ରକ,୧୦/୦୮ (ନି.ପ୍ର): ଇସଲାମ୍ ଧର୍ମରେ ଚନ୍ଦ୍ର ଗଣନାକୁ ଆଧାର କରି ପର୍ବ ପାଳନ କରାଯାଇଥାଏ। ସୋମବାର ସଂଧାରେ ଚନ୍ଦ୍ରକୁ ଦେଖି ମଙ୍ଗଳବାର ନବବର୍ଷ ପର୍ବ ପାଳନ କରାଯାଇଥିଲା। ଏହାକୁ ମହରମ ପର୍ବ କୁହାଯାଏ। ଚନ୍ଦ୍ରଗଣନା ଠାରୁ ୧୦ ଦିନ ଯାଏ ମହରମ ପର୍ବ ପାଳିତ ହୋଇଥାଏ। ପ୍ରଥମ ଦିନ ଇସ୍‌ଲାମିକ୍ ନବବର୍ଷ ରୂପେ ଏବଂ ଶେଷ ଦଶ ଦିନକୁ (ୟମେ-ଅସୂରା) ପର୍ବ କୁହାଯାଇଥାଏ। ଯାହାକୁ ବିଶ୍ୱରେ 'ୟାଦେଁ ଏମାମ୍ ହେସେନ୍' ରୂପେ ପାଳନ କରାଯାଇଥାଏ। ଏହି ଦିନରେ ଶେଷ ନବୀ ପ୍ରଫେଟ ମହମ୍ମଦ୍‌ଙ୍କ ନାତି 'ହଜରତ ଏମାମ୍ ହୋସେନ୍' କରବଲା ମଇଦାନରେ ଶହିଦ ହୋଇଥିଲେ। ଏହି ପର୍ବ ସାରା ବିଶ୍ୱରେ ପାଳନ ହୋଇଥାଏ। ଏହି ୟାଦେଁ ଏମାମ୍ ହୋସେନ୍ ପର୍ବ ୧୪୪୩ ହିଜରୀ ବର୍ଷ ରୂପେ ପୁରୁଣା ବଜାରସ୍ଥିତ ଜାମା ମସଜିଦ୍ ଛକରେ ଖ୍ୱାଜା ଗରିବ ନୱାଜ୍ କମିଟି ଆନୁକୂଲ୍ୟରେ ଇସ୍‌ଲାମିକ୍ ନବବର୍ଷ ୧୪୪୩ ବର୍ଷ ପାଳନ କରାଯାଇଥିଲା। ଏହି ନବବର୍ଷରେ ମୁଶାଏରା ଆୟୋଜନ କରାଯାଇଥିଲା ଏବଂ କେକ୍ କଟାଯିବା ସହ କ୍ଷୀରି ଭୋଗ ହୋଇ ବଣ୍ଟନ କରାଯାଇଥିଲା। ଆଜିଠାରୁ ୧୦ ଦିନ ବ୍ୟପୀ ପ୍ରତ୍ୟେକ ଗାଁରେ ଏବଂ ଛକରେ ସର୍ବତ ବଣ୍ଟନ କରାଯାଇଥାଏ। ଏହି ଇସଲାମିକ୍ ନବବର୍ଷ ମୁଶାଏରାରେ ମଦ୍ରାସାର ଶିକ୍ଷକ କାରୀ ସାହେବ ମହମବତୀ ଲଗାଇ ଶୁଭାରମ୍ଭ କରିଥିଲେ। ଏବଂ ଖ୍ୱାଜା ଗରିବ ନୱାଜ କମିଟିର ଉପସଭାପତି ଶେଖ ଅନୱାର, ସଂପାଦକ କଲିମୁଦ୍ଦିନ ଖାଁ, ମିନହଜ୍ କାଦ୍ରୀ, ଶେଖ ସୁଲ୍ଲୋ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠିତ ମୁଶାଏରାରେ ଭଦ୍ରକ ସୁ ପ୍ରସିଦ୍ଧ କବି ମୁସ୍ତକ ଗୌହର, ଖେଶ ଜୁଲଫୁକାର, ଶେଖ ଅହେସାନ, ଇମାମୁଲ ଖାଁ, ସାହାବାଜ ଖାଁ, ଶେଖ ରାଜନ ପ୍ରମୁଖ ହଜରତ ଏମାମ ହୋସନଙ୍କ ନିତୀବାଣୀ ଉପରେ କବିତା ପାଠ କରିଥିଲେ।

## କରୋନାରୁ ସୁସ୍ଥ ହେଲେ ଆଉ ୧୩୧୯ ଆକ୍ରାନ୍ତ

ଭୁବନେଶ୍ୱର,୧୦/୦୮ (ନି.ପ୍ର): ରାଜ୍ୟରେ ଆଜି କରୋନା ଭାଇରସ ସଂକ୍ରମଣରୁ ୧୩୧୯ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୯ ଲକ୍ଷ ୭୨ ହଜାର ୭୧୦ରେ ପହଂଚିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ ଜରିଆରେ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩୫୬ ଜଣ ଓ କଟକ ଜିଲ୍ଲାରୁ ୧୪୪ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ପୁରୀରୁ ୭୯, ବାଲେଶ୍ୱରରୁ ୭୨, ଭଦ୍ରକରୁ ୭୧, କେନ୍ଦ୍ରାପଡ଼ାରୁ ୬୬, ଅନୁଗୁଳରୁ ୬୪, ଯାଜପୁରରୁ ୬୩, ଜଗତସିଂହପୁରରୁ ୫୭, ନୟାଗଡ଼ରୁ ୪୭ ଓ ସୁନ୍ଦରଗଡ଼ରୁ ୨୮ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ସେହିପରି ଢେଙ୍କାନାଳରୁ ୨୭, ମୟୂରଭଂଜରୁ ୨୪, ସୁବର୍ଣ୍ଣପୁରରୁ ୨୩, କନ୍ଧମାଳ, କେନ୍ଦୁଝର ଓ ସମ୍ବଲପୁରରୁ ୧୩ ଜଣ ଲେଖାଏଁ, ଦେବଗଡ଼ ଓ ଗଂଜାମରୁ ୯-୯, ବରଗଡ଼, ବୌଦ୍ଧ, କଳାହାଣ୍ଡି, ମାଲକାନଗିରିରୁ ୮ ଜଣ ଲେଖାଏଁ, ରାୟଗଡ଼ାରୁ ୭, କୋରାପୁଟରୁ ୬, ଗଜପତିରୁ ୫ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି।

## ଖବର କାଗଜ ହେଉଛି ଚଳନ୍ତି ସମାଜର ପ୍ରତିଛବି

### ପାକ୍ଷିକ ସମ୍ବାଦପତ୍ର ସହ ଅଗଷ୍ଟ କ୍ରାନ୍ତି ପ୍ରକାଶନୀର ଲୋକାର୍ପଣ




ବାରିପଦା,୧୦/୦୮ (ନି.ପ୍ର): ଖବର କାଗଜ ହେଉଛି ଚଳନ୍ତି ସମାଜର ପ୍ରତିଛବି। ନିରପେକ୍ଷ , ସ୍ୱଚ୍ଛ ଓ ସତ୍ୟନିଷ୍ଠ ଖବର ପରିବେଷଣ ଗୋଟିଏ ଅସୁସ୍ଥ ସମାଜକୁ ସୁସ୍ଥ କରି ଗଢିତୋଳିଥାଏ ବୋଲି ବିଶିଷ୍ଟ କବି ଡ. ସେନାପତି ପ୍ରଦ୍ୟୁମ୍ନ କେଶରୀ ଆଜି ବାରିପଦା ସ୍ଥିତ ଅଗଷ୍ଟ କ୍ରାନ୍ତି ପ୍ରକାଶନୀ କାର୍ଯ୍ୟାଳୟ ସଭାକକ୍ଷରେ ଆୟୋଜିତ ପାକ୍ଷିକ ଖବର କାଗଜ ଚବିଶୀ ଗୁଣନ ସାତ ଓ ଅଗଷ୍ଟ କ୍ରାନ୍ତି ପ୍ରକାଶନୀର ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନିଜର ବକ୍ତବ୍ୟରେ କହିଛନ୍ତି। ଏହି ଉନ୍ମୋଚନୀ ଉତ୍ସବରେ ବରେଣ୍ୟ ଅତିଥି ଭାବରେ ବରିଷ୍ଠ ସାମ୍ବଦିକ ଓ ଗବେଷକ ଡଃ ବିଜୟ କୁମାର ଅଗରୱାଲା ଯୋଗଦେଇ ବାରିପଦା ସହରରୁ ଏହି ପାକ୍ଷିକ ଖବର କାଗଜର ପ୍ରକାଶନ ଓ ପ୍ରକାଶନ ସଂସ୍ଥାର ଶୁଭାରମ୍ଭ ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ଶ୍ରୀରାମଚନ୍ଦ୍ର ଭଞ୍ଜ ଡିଗ୍ରୀ ମହାବିଦ୍ୟାଳୟର ଅବକ୍ଷା ଡ. ଅସୀମା ସାହୁ ଏହି ପାକ୍ଷିକ ଖବର କାଗଜର ଭବିଷ୍ୟତ ସୁଦୂରପ୍ରସାରୀ ହେଉ ବୋଲି କାମନା କରିବା ସଙ୍ଗେସଙ୍ଗେ ଏହା ମୟୂରଭଞ୍ଜ ଜିଲ୍ଲାର ପ୍ରଗତୀରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା ପ୍ରକଟ କରିଥିଲେ। ଖବର କାଗଜର ସମ୍ପାଦକ ବିରଜା ପ୍ରସାଦ ନାୟକ ଉତ୍ସବରେ ପୌରହିତ୍ୟ କରି ଖବର କାଗଜ ସମାଜର ସମସାମୟିକ ଇତିହାସ ଲେଖେ। ଏଣୁ ସମ୍ବାଦ ନିରପେକ୍ଷ, ତଥ୍ୟଭିତିକ ଓ ସତ୍ୟନିଷ୍ଠ ହେବା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧରେ ସୀମା ମହାପାତ୍ର, ମଧୁବନ ବିକାଶ ପରିଷଦର ସଭାପତି ବିକ୍ରମ କେଶରୀ ଜେନା, ସିନିୟର ସିଟିଜେନ୍ ଫୋରମର ଉପସଭାପତି ଶ୍ରୀ ରଘୁନାଥ ପଣ୍ଡା ଏବଂ ସମ୍ପାଦକ ବସନ୍ତ ଦାସ, କବି ଶ୍ରୀ ଗୋପାଲ ଚନ୍ଦ୍ର ସାଓ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଖବର କାଗଜର ସହଯୋଗୀ ସମ୍ପାଦକ ତଥା କବି ସଂଜିତ ବଳ ପ୍ରାକକଥନ ଓ ମଂଚ ଆହ୍ୱାନ କରିଥିବା ବେଳେ ସମ୍ପାଦକ ଶ୍ରୀ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଖବର କାଗଜର ପ୍ରକାଶିକା ବାଲି ସିଂ ଓ ଡି.ଟି.ପି ଅପରେଟର ଶକୁନ୍ତଳା ସିଂଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।

## ବନବିଭାଗ ନାକ ତଳେ ଚାଲୁଥିଲା ୨ଟି ଚୋରା କରତ କଳ

### ଯନ୍ତ୍ରାଂଶ ସହ ମୂଲ୍ୟବାନ କାଠ ଜବତ

ନୀଳଗିରି,୧୦/୦୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ରେ ସରକାରଙ୍କ ପକ୍ଷରୁ କେତେଗୁଡ଼ିଏ ସରକାରୀ କରତକଳ ଚାଲୁଥିଲା । ଏହାର ସୁଯୋଗ ନେଇ କିଛି ଚୋରା କାଠ ବେପାରୀ ନିଜେ ନିଜେ କରତକଳ ବହୁଦିନ ଧରି ଚଳାଇ ଆସୁଥିଲେ । ନୀଳଗିରି ବନବିଭାଗ ବିଶେଷ ସୂତ୍ରରୁ ଖବର ପାଇ ୨ଟି ଚୋରା କରତକଳ ଉପରେ ଚଢ଼ାଉ କରି ଯନ୍ତ୍ରାଂଶ ସହିତ ଲକ୍ଷାଧିକ ଟଙ୍କାର କାଠ ଜବତ କରିଛନ୍ତି। ବାଲେଶ୍ୱର ଡି.ଏଫ.ଓ. ବିମଳ ପ୍ରସନ୍ନ ଆଚାର୍ଯ୍ୟରେ ନିର୍ଦ୍ଦେଶରେ ନୀଳଗିରି ବନବିଭାଗର ଡେପୁଟି ରେଞ୍ଜର ମନୱାର ଖାଁଙ୍କ ନେତୃତ୍ୱରେ ଏକ ଟିମ ରେମୁଣା ବ୍ଲକର ମୁଖୁରା ଗୋବିନ୍ଦପୁର ଅଞ୍ଚଳରେ ଥିବା ଏକ ଚୋରା କରତକଳ ଉପରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର କାଠ ଓ ଯନ୍ତ୍ରାଂଶକୁ ଜବତ କରିବା ସହ କରତ କଳକୁ ଭାଙ୍ଗି ଦେଇ ଚୁରୁମାର କରିଦେଇଛନ୍ତି । ନୀଳଗିରିର ଅତିରିକ୍ତ ତହସିଲଦାର ନୀରଞ୍ଜନ ଧଳଙ୍କ ଉପସ୍ଥିତିରେ କୁଲଡିହା ରେଞ୍ଜ କର୍ମଚାରୀ ସାମିଲ ଥିଲେ । ଅନୁରୂପ ଭାବେ ସୋମବାର ଭୋର ୫ଟା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ନୀଳଗିରି ରେଞ୍ଜର ମନୱାର ଖାଁ ସଦଳବଳେ ରେମୁଣା ତହସିଲ ଅଧିନସ୍ଥ ପଦମପୁର ଅଞ୍ଚଳରେ ବେଆଇନ କରତକଳ ଉପରେ ଚଢ଼ାଉ କରି ଲକ୍ଷାଧିକ ଟଙ୍କାର ମୂଲ୍ୟବାନ କାଠ ସହ ଯନ୍ତ୍ରାଂଶ ଜବତ କରିଛନ୍ତି । ମାଜିଷ୍ଟ୍ରେଟ ରେମୁଣା ତହସିଲଦାରଙ୍କ ଉପସ୍ଥିତିରେ ବାଲେଶ୍ୱର ଏ.ସି.ଏଫ. ଶରତ ଚନ୍ଦ୍ର ବେହେରା ଓ ତପନ କୁମାର ପରିଡ଼ା, ସୋର ବନ ବିଭାଗର ରେଞ୍ଜର ବବିତା ସରେନ, ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର, ଭାଗ୍ୟଶ୍ରୀ ଦ୍ୱିବେଦୀ, ସଜନାଗଡ଼ ଫରେଷ୍ଟର ଶ୍ରୀଧର ଲେଙ୍କା, ନୀଳଗିରି ଫରେଷ୍ଟର ଦେବରାଜ ରାଉତ, ମିତ୍ରପୁର ଫରେଷ୍ଟର ସରୋଜ ପ୍ରଧାନ, ଚନ୍ଦିପୁର ଫରେଷ୍ଟର ବିବେକାନନ୍ଦ ଜେନା ସମେତ ପୋଲିସ ଫୋର୍ସ ଗାର୍ଡ, ସବୁଜ ବାହିନୀ ସାମିଲ ଥିଲେ। ଜବତ ହୋଇଥିବା ୨ଟି କରତକଳରୁ ଆନୁମାନିକ ୧୦ ଲକ୍ଷ ଟଙ୍କାର କାଠ ଓ ଯନ୍ତ୍ରାଂଶ ହେବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି।

# ଗୋଟିଏ ଦିନରେ ୧୦୪୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୦/୦୮ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦୪୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୮୮୯୯୭ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୭୧୩୯୧ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ସଂଖ୍ୟା ୧୦୯୮୮ ରହିଛି। ଆଜି ଚିହ୍ନଟ ହୋଇଥିବା ୧୦୪୧ ଜଣଙ୍କ ମଧ୍ୟରୁ ୬୦୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୩୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୩୮୩ ଜଣ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧରେ ଅନୁଗୁଳ ଜିଲ୍ଲାରୁ ୫୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୩ ଜଣ, ବରଗଡ଼ରୁ ୩ ଜଣ, ଭଦ୍ରକରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେହିପରି ବଲାଙ୍ଗୀରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧, କଟକରୁ ୧୩୨, ଦେବଗଡ ଜିଲ୍ଲାରୁ ୭ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୦ ଜଣ, ଗଜପତି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଞ୍ଜାମରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୮୧ ଜଣ, ଯାଜପୁରରୁ ୩୬ ଜଣ, ଝାରସୁଗୁଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଳାହାଣ୍ଡିରୁ ୫ ଜଣ, କନ୍ଧମାଳ ଜିଲ୍ଲାରୁ ୫ ଜଣ. କେନ୍ଦ୍ରାପଡ଼ାରୁ ୨୮ ଜଣ, କେନ୍ଦୁଝରରୁ ୧୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୩୮୩ ଜଣ, କୋରାପୁଟରୁ ୫, ମାଲକାନଗିରି ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# କ୍ରାନ୍ତି ଦିବସରେ ଭିଟାମାଟି ବଂଚାଓ ସଂକଳ୍ପ ସଭା ଅନୁଷ୍ଠିତ



ବାଲିଆପାଳ,୧୦/୦୮ (ନି.ପ୍ର): ସୋମବାର ଐତିହାସିକ ଭାରତ ଛାଡ ଆନ୍ଦୋଳନର ୭୯ ତମ କ୍ରାନ୍ତି ଦିବସ ପାଳନ ଅବସରରେ ଉପକୂଳ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ୭, ବନ୍ଦର ଓ ପେଟ୍ରୋ କେମିକାଲ୍ସ କମ୍ପାନି ତୁମେ ବାଲିଆପାଳ ଛାଡ, ରଣ ହୁଂକାର ଦିଆଯାଇ ଭାଟିମାଟି ବଂଚାଉ ସଂକଳ୍ପ ସଭା ବାଲିବିଲ ହାଟ ପଡିଆ ପ୍ରାଗଣରେ ଅନୁଷ୍ଠିତ ହୋଇଯାଇଛି । ଭିଟାମାଟି ସୁରକ୍ଷା କମିଟିର ସଭାପତି ସୁଭାଷ ଚୌଧୁରୀଙ୍କ ଅଧକ୍ଷତାରେ କମିଟିର ଆବାହକ ତଥା ଏନ.ଏପି.ଏସର ରାଜ୍ୟ ଆବାହକ ଅରୁଣ ଜେନାଙ୍କ ସଂଚାଳନରେ ଅନୁଷ୍ଠିତ ଏହି ସଂକଳ୍ପ ସଭାରେ ମୁଖ୍ୟ ଅତିଥି ଭାବେ ସ.ପି.ଆଇ.ଏମର ଜିଲ୍ଲା ସାଧାରଣ ସମ୍ପାଦକ ଶିଶିର ହୁଇ ଯୋଗ ଦେଇ ଆଜକୁ ୩୫ ବର୍ଷ ତଳେ ବାଲିଆପାଳବାସୀଙ୍କ ଭାଟି ହଟାଉ-ମାଟି ବଂଚାଉ ଗଣ ସଂଗ୍ରାମର ଅଗ୍ର ଭାଗରେ ପ୍ରବାଦ ପୁରୁଷ ବିଜୁ ବାବୁ ବାଲିଆପାଳ ବାସୀଙ୍କ ବିପଦର ବନ୍ଧୁ ସାଥୀ ଓ ସହେଯାଗୀ ଥିଲେ ମାତ୍ର ଆଜି ତାଙ୍କ ସୁପୁତ୍ର ନବିନ ବାବୁ ସେହି ରତ୍ନଗର୍ଭା ଶସ୍ୟଶ୍ୟାମଳା ଘନ ଜନାକିର୍ଣ୍ଣ ଭୂଖଣ୍ଡକୁ କିପରି ବିନାଶକାରୀ ବନ୍ଦର ଓ ମାରାତ୍ମକ ପେଟ୍ରୋ କେମିକାଲ୍ସ ଶିଳ୍ପାୟନ ଲାଗି ଟାଟା କମ୍ପାନି ଓ ଅମ୍ବାନି ଭଳି କମ୍ପାନି ହାତକୁ ଟେକି ଦେଉଛନ୍ତି ? ନବିନ ବାବୁ ନିଜ ବାପାଙ୍କ କାର୍ଯ୍ୟକୁ ସମ୍ମାନ ଦେଇ ଏଠାରୁ ବନ୍ଦର ଓ ଶିଳ୍ପାୟନ ପ୍ରକଳ୍ପକୁ ବାତିଲ କରିବା ଉଚିତ ବୋଲି କହିଥିଲେ। ଏଠାରେ ବନ୍ଦର, ଶିଳ୍ପାୟନ, ରେଳପଥ ଓ ସଡକ ପଥ ନିର୍ମାଣ ଫଳରେ ବାଲେଶ୍ୱର ଜିଲ୍ଲାର ଭାତ ହାଣ୍ଡି ଉଜୁଡି ଯିବ । ସରକାର ଓ ପ୍ରଶାସନ ପ୍ରକଳ୍ପ ପ୍ରଭାବିତ କଙ୍କଡାପାଳ ଠାରୁ ହଂସକରା ଯାଏ ୬ ଗୋଟି ଗ୍ରାମ ପଂଚାୟତର ବସ୍ଥାପିତ ଲୋକଙ୍କୁ ନେଇ ଜନ ଶୁଣାଣି କରନ୍ତୁ । ଲୋକଙ୍କ ମତ ନେଇ ଯାହା କିଛି ହେଉ ନଚେତ ଭିଟାମାଟି ସୁରକ୍ଷା ଆନ୍ଦୋଳନକୁ ଆମେ ସମସ୍ତେ ମିଶି ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଜନ ଆନ୍ଦୋଳନରେ ପରିଣତ କରିବୁ ବୋଲ ଚେତାବନୀ ଦେଇଥିଲେ । ସଭା ପୂର୍ବରୁ ବାଲିଆପାଳ ଗାନ୍ଧି ତୀର୍ଥ ଲବଣ ସତ୍ୟାଗ୍ରହ ପୀଠରୁ ଗାନ୍ଧି ଚତର ବେଳାଭୂମୀ ଠାରୁ କ୍ରାନ୍ତି ମସାଲ ବାହାରି ଯୁବ ନେତା ଇନ୍ଦୁଭୂଷଣ ଜେନା, ଭଗବାନ ଜେନା ପ୍ରମୁଖ ମସାଲକୁ ମୁଖ୍ୟ ଅତିଥିଙ୍କୁ ଅର୍ପଣ କରିଥିଲେ । ସଭା ପୂର୍ବରୁ ଭିଟା ମାଟି ସୁରକ୍ଷା ଆନ୍ଦୋଳନର ନେତା ସଂଗ୍ରାମୀ ସାଥୀ ଅରୁଣ ଦେଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସଭାରେ ସଂଯୋଜକ ଅନୁଜ କୁମାର ମହାପାତ୍ର, ଏନ.ପି.ଏସର ରାଜ୍ୟ ସଂଯୋଜକ ମାନସ ପଟ୍ଟନାୟକ, ନାରୀ ନେତ୍ରୀ ଜାୟତ୍ରୀ ବାରିକ, ଲକ୍ଷ୍ମୀକାନ୍ତ ଖଟୁଆ, ପ୍ରମୁଖ ବକ୍ତବ୍ୟ ଦେଇ ଭିଟାମାଟି ବଂଚାଉ ଆନ୍ଦୋଳନକୁ ଶକ୍ତିଶାଳୀ କରିବାକୁ ଆହ୍ୱାନ ଜଣାଇଥିଲେ ।

# ୨୩କୁ ଖସିଲା ଦୈନିକ କରୋନା ସଂକ୍ରମିତ ସଂଖ୍ୟା

## ୯ଲକ୍ଷ ପାନ ଟପିଲା ଜିଲାର ଟିକାକରଣ

ବାଲେଶ୍ୱର,୧୦/୦୮ (ନି.ପ୍ର): ବିଳମ୍ବ ହେଲେ ବି ବାଲେଶ୍ୱର ଜିଲାର ଦୈନିକ କରୋନା କରୋନା ସଂକ୍ରମଣ ହାର ୨୫ ତଳକୁ ଖସିବା ଜିଲାବାସୀଙ୍କ ପାଇଁ ଆଶ୍ୱସ୍ତି ଆଣିଛି। ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରେ ୨୩ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ପୌରାଞ୍ଚଳରୁ ୭ ଓ ବ୍ଲକ ଅଞ୍ଚଳରୁ ୧୬ ଜଣ ଅଛନ୍ତି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୮,୫୩୯ରେ ପହଞ୍ଚିଥିବା ବେଳେ ଏବେ ୩୭,୬୯୮ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ତେବେ ଗତ ୨୪ଘଣ୍ଟା ମଧ୍ୟରେ ୫ ଜଣ ପୁରୁଷ ଓ ଜଣେ ମହିଳାଙ୍କୁ ମିଶାଇ ୬ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ସରକାରୀ ଭାବେ ଘୋଷଣା କରାଯାଇଛି। ଅଦ୍ୟାବଧି ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୨୧୯ରେ ପହଞ୍ଚିଥିବା ସରକାରୀ ୱେବସାଇଟରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ବାଲେଶ୍ୱରରେ ଜାରି ରହିଥିବା ସାମୂହିକ ଟିକାକାରଣରେ ଜିଲାର ୭୦ ଗୋଟି କେନ୍ଦ୍ରରେ ଆଜି ଦିନକରେ ୧୬,୧୧୦ଜଣଙ୍କୁ ଟିକା ପ୍ରଦାନ କରାଯାଇଛି । ଏବେ ସୁଦ୍ଧା ବାଲେଶ୍ୱର ଜିଲାରେ ମୋଟ ୯,୧୫,୬୨୭ଜଣ ଟିକା ନେଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତନ୍ମଧ୍ୟରୁ ୬,୫୬,୩୯୦ ଜଣ ପ୍ରଥମ ପାନ ଓ ୨,୫୯,୨୩୭ ଜଣ ଦ୍ୱିତୀୟ ପାନ ଟିକା ନେଇଥିବା ଜଣାପଡ଼ିଛି ।

# ଭୂମିଜ ସମାଜ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ

ନୀଳଗିରି,୧୦/୦୮ (ନି.ପ୍ର): ନିଖିଳ ଓଡ଼ିଶା ଭୂମିଜ ସମାଜର ସଭାପତି ରାମଚନ୍ଦ୍ର ସିଂ ଅଧକ୍ଷତାରେ ବିଶ୍ୱ ଆଦିବାସୀ ଦିବସ ନୀଳଗିରି ବ୍ଲକ ସିଆଡ଼ିମାଳ ପଞ୍ଚାୟତର ଜାମଘାଟି ଠାରେ ପାଳିତ ହୋଇଯାଇଛି । କୋଭିଡ୍ ୧୯ ର ସମସ୍ତ ନିୟମକୁ ମାନି ଏହି କାର୍ଯ୍ୟକ୍ରମ କରାଯାଇଥିଲା । ସଭାପତି ସମସ୍ତ ଆଦିବାସୀ ଭାଇ ଭଉଣୀମାନଙ୍କୁ ସମ୍ବୋଧିତ କରିବା ସହ ତାଙ୍କ ବକ୍ତବ୍ୟରେ କହିଥିଲେ ୧୯୯୪ ମସିହା ମିଳିତ ଜାତିସଂଘ ଆଜିର ଦିବସକୁ ବିଶ୍ୱ ଆଦିବାସୀ ଦିବସ ଭାବେ ଘୋଷଣା କରିଥିଲେ । ଏହି ଦିବସରେ ସମସ୍ତ ଆଦିବାସୀମାନେ ଏକତ୍ରିତ ହୋଇ ସେମାନେ ସେମାନଙ୍କର ହଜିଲା ଦିନର ଭାଷା , ସଂସ୍କୃତି, କଳା, ପରମ୍ପରା, ଓ ସାହିତ୍ୟ ଉପରେ ଅନୁଶୀଳନ କରିବା ସଂଗେ ସଂଗେ ତାଙ୍କ ସମାଜର ସାମାଜିକ ଓ ଅର୍ଥନୈତିକ ବିକାଶ ଦିଗରେ ସେମାନେ ଅନୁଚିନ୍ତା କରିବା ସହ ସେମାନେ ତାଙ୍କର ସାମାଜିକ ଅଧିକାର ଓ କ୍ଷମତାକୁ କିପରି ଉପଯୋଗ କରିପାରିବେ ଏ ବାବଦରେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ । ଏହି ବୈଠକରେ ମୁଖ୍ୟ ବକ୍ତା ଭାବେ ବୁଧିରାମ ସିଂ, କର୍ମକର୍ତ୍ତା ଭାବେ ଗୁରୁପ୍ରସାଦ ସିଂ, ରାମଚନ୍ଦ୍ର ସିଂ, ବୁଧିଆ ସିଂ, ମନରଂଜନ ସିଂ, ବିରେନ୍ଦ୍ର ସିଂ, ବସନ୍ତ ସିଂ, ସତ୍ୟଭାମା ସିଂ, ବବୁଲିବନ୍ଧୁ ସିଂ , ଯୋଗେନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ ।

# ଅରୁଣ ଦେଙ୍କ ଉଦ୍ଦେଶ୍ୟରେ ରିକ୍ସା ଚାଳକ ସଂଘର ଶ୍ରଦ୍ଧାଞ୍ଜଳି



ବାଲେଶ୍ୱର,୧୦/୦୮ (ନି.ପ୍ର): ବାଲେଶ୍ୱର ରିକ୍ସାଚାଳକ ସଂଘ ପକ୍ଷରୁ ସଂଗଠନର ସଭାପତି ତଥା ପୂର୍ବତନ ବିଧାୟକ ଦିବଂଗତ ଅରୁଣ ଦେ'ଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସଂଘର କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ପାଣିଗ୍ରାହୀ ଏଥିରେ ଅଧକ୍ଷତା କରିଥିଲେ। ସହରର ସମସ୍ତ ରିକ୍ସା ଷ୍ଟାଣ୍ଡ କର୍ମକର୍ତ୍ତାଙ୍କ ସମେତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଶ୍ରମିକ ନେତା ଭାଗବତ ପ୍ରତିହାରୀ, ଅରୁଣ ସ୍ୱାଇଁ, ନିକୁଞ୍ଜ ବସନ୍ତରାୟ, ଶାନ୍ତନୁ ଦାସ, ଶ୍ୟାମସୁନ୍ଦର ଜେନା, ସେକ୍ ସଲାଉଦ୍ଦିନ, ବିଚାରଗଞ୍ଜ ଷ୍ଟାଣ୍ଡ୍ ସମ୍ପାଦକ ସର୍ବେଶ୍ୱର ହାଁସଦା ଓ ପୂର୍ବତନ ସମ୍ପାଦକ ଗୌତମ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଅରୁଣ ଦେ ଜୀବନବ୍ୟାପୀ ଗରିବ ଲୋକଙ୍କୁ ସଗଠିତ କରି ସେମାନଙ୍କୁ ଆଇନଗତ ସୁବିଧା ସୁଯୋଗ ପ୍ରଦାନ ପାଇଁ ସଂଗ୍ରାମ କରୁଥିଲେ ବୋଲି ମତ ଦେଇଥିଲେ। ଜାତି ଓ ଧର୍ମ ନାମରେ ରାଜନୀତିକୁ ଅରୁଣ ଦେ' ସର୍ବଦା ବିରୋଧ କରୁଥିଲେ। ତାଙ୍କର ଆଦର୍ଶ ଗରିବ, ଖଟିଖିଆ ତଥା ଅବହେଳିତ ଲୋକଙ୍କ ପାଇଁ ସର୍ବଦା ସ୍ମରଣୀୟ ହୋଇ ରହିବ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ସ୍ୱର୍ଗତ ଦେ'ଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ ଓ ଏକ ମିନିଟ ନିରବ ପ୍ରାର୍ଥନା ସହ ସମସ୍ତେ ତାଙ୍କର ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଂଘର କୋଷାଧକ୍ଷ ଉମାକାନ୍ତ ଜେନାଙ୍କ ସମେତ ଶେଖ ନାସିର, ସେଖ ଯଶ, ରାଧାକାନ୍ତ ବେହେରା ଓ ରତ୍ନାକର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଦୀନକୃଷ୍ଣ କଲେଜ ସଂସ୍କୃତ ପ୍ରାଧ୍ୟାପକଙ୍କ ଅବସର



ଜଳେଶ୍ୱର ୧୦/୮(ନିପ୍ର): ଦୀନକୃଷ୍ଣ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ପ୍ରାଧ୍ୟାପକ ଡ. ସୁଧାଂଶୁ ଶେଖର ଗିରି ଆଜି ଅବସର ଗ୍ରହଣ କରିଥିବାରୁ ସଂସ୍କୃତ ବିଭାଗ ପକ୍ଷରୁ ଅବସରକାଳୀନ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ରାଉତ ପୌରହିତ୍ୱ କରି ଅବସର ଗ୍ରହଣ ପରେ ଜଣେ ଶିକ୍ଷକ ବା ଅଧ୍ୟାପକର ଶିକ୍ଷାର ମାନଦଣ୍ଡ ଛାତ୍ରଛାତ୍ରୀଙ୍କଠାରୁ ପ୍ରକାଶ ପାଇଥାଏ ବୋଲି କହିଥିଲେ । ବିଭାଗୀୟ ମୁଖ୍ୟ ପୁଷ୍ପାଞ୍ଜଳି ପାଇକରାୟ ସୂଚନା ଓ ଆଭିମୁଖ୍ୟ ତଥା ସ୍ୱାଗତ ଅଭିଭାଷଣ ରଖିଥିଲେ । ପ୍ରାଧ୍ୟାପକ ବିଭୂତି କୁମାର ଦାସ, ଡ. ଅକ୍ଷୟ ନାରାୟଣ ଦାସମହାପାତ୍ର, ଡ. ରଜନୀକାନ୍ତ ଭୂୟାଁ, ଡ. ରବିନାରାୟଣ ସାସମଲ, ରତିକାନ୍ତ ବେହେରା, ରାଧାରଂଜନ ସେନାପତି ପ୍ରମୁଖ ଅବସରପ୍ରାପ୍ତ ଶିକ୍ଷକ ଡ. ସୁଧାଂଶୁ ଶେଖର ଗିରିଙ୍କ ଛାତ୍ର ବତ୍ସଳତା, କର୍ତ୍ତବ୍ୟନିଷ୍ଠା, ଶ୍ରେଣୀକାର୍ଯ୍ୟ ପରିଚାଳନା ସମ୍ପର୍କରେ କହିଥିଲେ । ଉତ୍ତରରେ ପ୍ରଧ୍ୟାପକ ଡ. ଗିରି ତାଙ୍କ ଅତୀତ ଦିନର ସ୍ମୃତି ବର୍ଣ୍ଣନା କରିବା ସହିତ ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ କୃତି ସଂପର୍କରେ ଜାଣିଲେ ସେ ଖୁସୀ ହେବେ ବୋଲି କହିଥିଲେ । ଅଧ୍ୟାପିକା ମାମୁନୀ ବେହେରା ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ରତନ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ ।

# ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବ ପ୍ରସ୍ତୁତି ବୈଠକ

ବାଲେଶ୍ୱର,୧୦/୦୮ (ନି.ପ୍ର): ୨୩ତମ ଚାନ୍ଦିପୁର ସୁବର୍ଣ୍ଣ ବେଳାଭୂମି ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ସଭାପତି ତଥା ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । କମିଟିର ଉପ-ସଭାପତି ବିପ୍ଳବ କୁମାର ମହାନ୍ତି, ସାଧାରଣ ସମ୍ପାଦକ ହରେକୃଷ୍ଣ ଦାଶ, ଅତିରିକ୍ତ ସାଧାରଣ ସମ୍ପାଦକ ଭାବଗ୍ରାହୀ ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇ କରୋନା ଯୋଗୁଁ ବନ୍ଦ ହୋଇଥିବା ମହୋତ୍ସବକୁ କୋଭିଡ ନିୟମ ମଧ୍ୟରେ ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ। ଏନେଇ ଆଲୋଚନାଚକ୍ର ମାଧ୍ୟମରେ ଏହି ମହୋତ୍ସବକୁ ଆସନ୍ତା ୨୯ ତାରିଖ ପୂର୍ବାହ୍ନରେ ପାଳନ ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଚାନ୍ଦିପୁରଠାରେ 'ପର୍ଯ୍ୟଟନ ବିକାଶରେ ମହାମାରୀ କରୋନା ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ର ଆୟୋଜନ କରାଯିବ। ସୀମିତ ସଂଖ୍ୟକଙ୍କ ଉପସ୍ଥିତିରେ ଏହି ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ପ୍ରାଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ତଥା କୋଭିଡ ନିୟମ ପାଳନ ମଧ୍ୟରେ ଏହି ଆଲୋଚନାଚକ୍ର ଆୟୋଜନ ପାଇଁ ବୈଠକରେ ନିଷ୍ପତି ନିଆଯାଇଛି । ବୈଠକର ପ୍ରାରମ୍ଭରେ ପୂର୍ବତନ ବିଧାୟକ ଦିବଂଗତ ଅରୁଣ ଦେ ଓ ଶିଳ୍ପପତି ହିମାଂଶୁ ଦାସଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କମିଟିର ସମ୍ପାଦକ କିଶୋର ଚନ୍ଦ୍ର ଦାସ ଓ ଭାଗବତ ସାହୁ, କୋଷାଧ୍ୟକ୍ଷ ମାଧବାନନ୍ଦ ମିଶ୍ର, ସହ-ସମ୍ପାଦକ ଡକ୍ଟର ଶ୍ରୀମାନ ଶ୍ରୀଚନ୍ଦନ ପ୍ରମୁଖ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ସମରେନ୍ଦ୍ର ନାଥ ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନରେ ଛାତ୍ରଙ୍କ ବିକ୍ଷୋଭ ପ୍ରଦର୍ଶନ



ବାରିପଦା,୧୦/୦୮ (ନି.ପ୍ର): ବିଗତ ଦୁଇ ଦିନ ଧରି ବାରିପଦା ତକତପୁର ସ୍ଥିତ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନରେ ଛାତ୍ର ମାନେ ନିଜ ଦାବୀରେ ଅଟଳରହି ବିକ୍ଷୋଭ ପ୍ରଦର୍ଶନ କରି ଆସୁଛନ୍ତି । ସୂଚନା ମୁତାବକ ୨୦୧୭ ରୁ ୨୦୧୯ ଶିକ୍ଷାବର୍ଷରେ ପାଠ ପଢି ବେକ୍ ଲାଗିଥିବା ଶତାଧିକ ଛାତ୍ରଛାତ୍ରୀଙ୍କ ପୁନଃ ପରୀକ୍ଷା କରାଯାଇ ନଥିଲା । ଫଳରେ ଛାତ୍ରଛାତ୍ରୀ ମାନେ ଏ ବାବଦରେ ଅଧକ୍ଷଙ୍କ ପାଖରେ ଦାବୀ ଉପସ୍ଥାପନ କରିଥିଲେ । ହେଲେ ଏ ବାବଦରେ କୌଣସି ପଦକ୍ଷେପ ନିଆ ନଯାଇ ଦୀର୍ଘ ୨ବର୍ଷ ଧରି କଲେଜ କର୍ତ୍ତୃପକ୍ଷ ତାରିଖ ଉପରେ ତାରିଖ ଦେଇ ଚାଲିଛନ୍ତି ବୋଲି ଛାତ୍ର ମାନେ ଅଭିଯୋଗ କରିଛନ୍ତି । ଛାତ୍ରଛାତ୍ରୀ ମାନଙ୍କର ବେକ ପେପର କ୍ଲିଅର ହେଉନଥିବା ଯୋଗୁଁ ସେମାନେ କୌଣସି କର୍ମକ୍ଷେତ୍ରରେ କାର୍ଯ୍ୟ ମଧ କରିପାରୁ ନଥିବାରୁ ନିଜ ଭବିଷ୍ୟତ ଅନ୍ଧାର କୁ ଠେଲି ହୋଇ ଯାଉଥିବାର ଅଭିଯୋଗ ହୋଇଛି । ତେବେ ଛାତ୍ରଛାତ୍ରୀ ମାନେ ଗତ ୭ ତାରିଖ ଠାରୁ ବାଧ ହୋଇ କଲେଜରେ ଏବଂ କର୍ତ୍ତୃପକ୍ଷ କାର୍ଯ୍ୟଳୟ ବ୍ଲକ କୁ ତାଲା ପକାଇବା ସହ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଥିବାର ଦେଖିବାକୁ ମିଳିଛି । ତେବେ ତାଙ୍କର ଦାବି ପୂରଣ ନହେବା ଯାଏ ଏହି ଆନ୍ଦୋଳନ ଜାରୀ ରଖିବେ ବୋଲି ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ କ୍ଷୀରୋଦ ପଣ୍ଡା, ଦେବେନ୍ଦ୍ର ରଣା ପ୍ରମୁଖ କହିଛନ୍ତି । ତେବେ ଏ ବାବଦରେ ସରକାରୀ ଶିଳ୍ପ ତାଲିମ ପ୍ରତିଷ୍ଠାନର ଅଧକ୍ଷ ସୁରେଶ ଚନ୍ଦ୍ର ପାଢ଼ୀଙ୍କୁ ପଚାରିବାରୁ ସି.ବି.ଟି ପରୀକ୍ଷା ଡି.ଜି.ଟି ଦ୍ୱାରା ନିର୍ଧାରିତ ହୋଇଥାଏ ତେଣୁ ତାହା ୨୦୧୭-୨୦୧୯ ମଧରେ ଅସୁବିଧା ହୋଇଛି କହିବା ସହିତ ଛାତ୍ରଛାତ୍ରୀଙ୍କ ସି.ବି.ଟି ପରୀକ୍ଷାର ବ୍ୟାକ ପେପର ପରୀକ୍ଷାର ସମାଧାନ ଯଥାଶୀଘ୍ର ହୋଇଯିବ ବୋଲି କହିଛନ୍ତି ।

# କବି ବାଞ୍ଛାନିଧି ପଣ୍ଡାଙ୍କ ସ୍ମୃତି ଚାରଣ ସଭା



ଖଇରା,୧୦/୦୮(ନିପ୍ର) କବି ବାଞ୍ଛାନିଧୀ ପଣ୍ଡାଙ୍କ ସ୍ମୃତି ଚାରଣ ସଭା ନିଜ ବାସ ଭବନ ବଣପାରିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସ୍ମୃତିପରିଷଦର ସଭାପତି ପଣ୍ଡିତ କୃଷ୍ଣ ଚନ୍ଦ୍ର ପତ୍ରୀ ସଭାପତିତ୍ୱ କରିଥିଲା ବେଳେ ପଣ୍ଡିତ ବୁଦ୍ଧିରାମ ପାଣିଗ୍ରାହୀ ପ୍ରଦିପ ପ୍ରଜ୍ଜ୍ୱଳନ କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ପତ୍ରୀ ଭଗବତ ଗୀତା ପାଠ କରିଥିଲେ । କବି ତଥା କମିଟିର ସମ୍ପାଦକ ରାଧାଶ୍ୟାମ ପଣ୍ଡା ବିବରଣୀ ଉପସ୍ଥାପନ କରି କବିଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। କବି ପଦ୍ମନାଭ ଶନିବିଗ୍ରହ ସ୍ୱରଚିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୈଳାସ ଚନ୍ଦ୍ର ପୃଷ୍ଟି, ପଦ୍ମନାଭ ପଣ୍ଡା, କବି ପତ୍ନୀ ଇନ୍ଦୁ ମତୀ ଦେବୀ, ପୁତ୍ର ବଧୁ ସ୍ନେହଲତା ପଣ୍ଡା, ସିପ୍ରା ପଣ୍ଡା,ହରେକୃଷ୍ଣ ପଣ୍ଡା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କବିଙ୍କର ସୁଯୋଗ୍ୟ ପୁତ୍ର ରମେଶ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

# କ୍ରାନ୍ତି ଦିବସ ପାଳନ ଅବସରରେ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଟ୍ରଷ୍ଟ ପକ୍ଷରୁ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୦/୦୮(ନି.ପ୍ର): ନିରପେକ୍ଷ ଓ ନିର୍ଭିକ ସାମ୍ବାଦିକତା ଗଣତନ୍ତ୍ରକୁ ମଜଭୁତ କରିଥାଏ। ଏଣୁ ସାମ୍ବାଦିକମାନଙ୍କୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲି ଅଭିହିତ କରାଯାଏ । ଏହି ମର୍ମରେ ଗତ ୯.୮.୨୦୨୧କ୍ରାନ୍ତି ଦିବସ ପାଳନ ଅବସରରେ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ, ଖୋର୍ଦ୍ଧା, ଭୁବନେଶ୍ୱର ପକ୍ଷରୁ ବିଭିନ୍ନ ସମ୍ବାଦପତ୍ରର ସାମ୍ବାଦିକ ମାନଙ୍କୁ ଅକ୍ଷଭାସି ପ୍ରଣାଳୀରେ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଖରସ୍ରୋତା ମହାବିଦ୍ୟାଳୟ, ସିଂହପୁରର ପ୍ରାକ୍ତନ ଅଧକ୍ଷ ଡ଼ଃ ହରିଶ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ପ୍ରାକ୍ତନ ଡେପୁଟି କଲକ୍ଟର କୁମରବର ନାୟକ ଯୋଗ ଦେଇ ଅଗଷ୍ଟ କ୍ରାନ୍ତି ଦିବସର ମହନୀୟତା ଉପରେ ଆଲୋକପାତ କରିବାସହ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନ ଇତିହାସର ପୁନଃ ସ୍ମରଣ କରାଇଥିଲେ। ସମ୍ମାନିତ ଅତିଥି ଶ୍ରୀ ନାୟକ ନିଜ ଆଚାର, ବ୍ୟବହାର, ସାହିତ୍ୟ ଓ ପରିବେଶରେ କ୍ରାନ୍ତି ଆଣିବା ପାଇଁ ଆହ୍ୱାନ ଦେଇଥିଲେ। ଭାଷା ପ୍ରତିଷ୍ଠାନର ସଭକ୍ଷପତି ଚକ୍ରଧର ତ୍ରିପାଠୀ ସଭାପତିତ୍ୱ କରିଥିବାବେଳେ ରାଜ୍ୟ ସଂଯୋଜକ ଯୁଧିଷ୍ଠିର ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରାଜ୍ୟ ସଂଗଠନ ସମ୍ପାଦକ କୈଳାସ ଚନ୍ଦ୍ର ପଟନାୟକ ସମ୍ବର୍ଦ୍ଧନା ସଭାପରିଚାଳନା କରିଥିଲେ ଓ ପ୍ରତିଷ୍ଠାତା ବଳରାମ ତରକ୍ଷଇ ଆର୍ଶୀବଚନ ଦେବା ସହ ସମ୍ବର୍ଦ୍ଧିତ ସାମ୍ବାଦିକଙ୍କୁ ଅଭିନନ୍ଦନ କରିଥିଲେ। ସମ୍ବର୍ଦ୍ଧନା ପର୍ବରେ ଶ୍ରେଷ୍ଠ ଯୁବ ସାମ୍ବାଦିକ ସମ୍ମାନ ୨୨ ଜଣ, ଶ୍ରେଷ୍ଠ ସାମ୍ବାଦିକ ସମ୍ମାନ ୧୧ଜଣ, ଶ୍ରେଷ୍ଠ ବରିଷ୍ଠ ସାମ୍ବାଦିକ ସମ୍ମାନ ୨ଜଣ, ଯଶସ୍ୱୀ ସାମ୍ବାଦିକ ସମ୍ମାନ ୩ଜଣ,ଶ୍ରେଷ୍ଠ ବରିଷ୍ଠ ସମ୍ବାଦଦାତା ସମ୍ମାନ ୧ଜଣ, ସାମ୍ବାଦିକ ଗୌରବ ସମ୍ମାନ ୧ଜଣ, ତଥା ବୈଦେଶିକ ଗଣମକ୍ଷଧମ ୬ ଗୋଟିଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା । ପରିଶେଷରେ ସଂଗଠନ ସମ୍ପାଦିକା ଅନସୂୟା ଦେବତା ଧନ୍ୟବାଦ ଅର୍ପଣ କରିଥିଲେ । ସାମ୍ବାଦିକ ଗୌରବ ସମ୍ମାନ - ଶ୍ରୀ ଗଜେନ୍ଦ୍ର କୁମାର ମହାନ୍ତି, ବେଲପାହାଡ, ଝାରସୁଗୁଡା ଜିଲ୍ଲା. ଶ୍ରେଷ୍ଠ ବରିଷ୍ଠ ସାମ୍ବାଦିକ ସମ୍ମାନ-ଶ୍ରୀ ପ୍ରଦ୍ୟୁମ୍ନ କୁମାର ଶତପଥୀ, ବରିଷ୍ଠ ସାମ୍ବାଦିକ, ସ୍ତମ୍ଭ ଲେଖକ,ଭୁବନେଶ୍ୱର, ଶ୍ରୀ ପ୍ରଦୋଷ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ, ଶ୍ରେଷ୍ଠ ବରିଷ୍ଠ ସମ୍ବାଦଦାତା ସମ୍ମାନ - ଶ୍ରୀ ଲଲାଟେନ୍ଦୁ ସେନାପତି, ଆଠଗଡ଼, କଟକ, ଯଶସ୍ୱୀ ସାମ୍ବାଦିକ ସମ୍ମାନ - ସୁବାଷ ଚନ୍ଦ୍ର ପ୍ରଧାନ, ବେଲପାହାଡ, ଝାରସୁଗୁଡା, ନାଟ୍ୟଶ୍ରୀ ଉପନ ଚରଣ ସାହୁ, ବ୍ରଜରାଜନଗର, ଝାରସୁଗୁଡା, ଚିନ୍ମୟ ଦାଶ, ବାବଲପୁର, ଯାଜପୁର, ବୈଦେଶିକ ଗଣ ମାଧ୍ୟମ - The world star news International, Diramakini, Tanzania, Creative writer, Kenya, Africa World Reports, South Africa, The Lead, Grenada, The Finder, Kenya ଏହି ମାନଙ୍କୁ ମାନପତ୍ର ପ୍ରଦାନ ସହ ସମ୍ବର୍ଦ୍ଧନା ଦିଆଯାଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo